

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୨ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 November 2025

Vol.No. 36 ■ No.297 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net

# ସରିଲା ନୂଆପଡ଼ା ଉପନିର୍ବାଚନ

## ୭୯.୯୩% ମତଦାନ, ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍, ୧୪ରେ ଗଣତି



ନୂଆପଡ଼ା, ୧୧/୧୧ (ନି.ପ୍ର): ନା କେଉଁଠି ହିଂସା, ନା କେଉଁଠି ଗଣ୍ଡଗୋଳ। କାଁ ଭାଁ ତୁତୁ ମେଁମେଁକୁ ଛାଡ଼ିଦେଲେ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ସରିଛି ନୂଆପଡ଼ା ଉପ ନିର୍ବାଚନ ପାଇଁ ମତଦାନ। ମାଓ ଇଲାକା ସୁନାବେଡ଼ା ହେଉ କିମ୍ବା ବ୍ୟାବସାୟିକ ପେଣ୍ଠ ଖରିଆର ରୋଡ୍। ସବୁଠି ବେଶ୍ ଉତ୍ସାହର ସହ ନିଜ ନିଜର ମତ ସାବ୍ୟସ୍ତ କରିଛନ୍ତି ଜିଲ୍ଲାର ୨ ଲକ୍ଷ ୫୩ ହଜାରରୁ ଅଧିକ ମତଦାତା। ଜନତା ଜନାର୍ଦ୍ଦନ ଭାଗ୍ୟ ନିର୍ଦ୍ଧାରଣ କରିବା ପରେ ଋଠଗରେ ସିଲ୍ ହୋଇଛି ୧୪ ପ୍ରାର୍ଥୀଙ୍କ ଭାଗ୍ୟ। ସଂଧ୍ୟା ୭ଟା ସୁଦ୍ଧା ମତଦାନ ଥିଲା ୭୭.୯୩ ପ୍ରତିଶତ। ମନରେ ଥିଲା ଅଜସ୍ର ଉତ୍କଣ୍ଠା। ନେତା ବାଛିବା ପାଇଁ ପ୍ରବଳ ଉତ୍ସାହ ସହ ଆବେଗ ବି କାହିଁରେ କେତେ ଥିଲା। ଶୀତୁଆ ସକାଳରେ ବାରି ହେଉଥିଲା ନିର୍ବାଚନୀ ଉଷ୍ମତା...ଆଉ ତାହାରି ଭିତରେ ଆରମ୍ଭ ହୋଇଥିଲା ମତଦାନର ପର୍ବ। ନା ଥିଲା ଲାଲବାହିନୀ ପ୍ରତି ଭୟ, ନା ପରିଣତ ବୟସ ପ୍ରତି ଥିଲା ପରବାୟ।ଏଇ ଯେମିତି ୮୪ ବର୍ଷୀୟ ବୃଦ୍ଧା। ନାଁ ତାଙ୍କର ପୁଷ୍ପା। ଖରିଆର୍ ରୋଡ୍ ସରକାରୀ ବାଳିକା ବିଦ୍ୟାଳୟରେ ଥିବା ମତଦାନ କେନ୍ଦ୍ରକୁ ଆସି ସାବ୍ୟସ୍ତ କରିଛନ୍ତି ନିଜର ଗଣତାନ୍ତ୍ରିକ ଅଧିକାର। କେବଳ ସେ ନୁହଁନ୍ତି, ଶତାୟୁ ହେବାକୁ ଆଉ ମାତ୍ର ୨ ବର୍ଷ ବାକିଥିବା ଜ୍ଞାନେଶ୍ୱର। ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜ ମନ ପସନ୍ଦର ନେତା ବାଛିବାକୁ ଶିଖର ଛୁଇଁଥିଲା ତାଙ୍କର ଆଗ୍ରହ। ତାଙ୍କ ଭଳି ଏମିତି ଅନେକ ପରିଣତ ବୟସରେ ମତଦାତା ନିଜେ ଆସି ନିଜର ମତ ସାବ୍ୟସ୍ତ କରିଛନ୍ତି ନିଜ ନିଜ ଇଲାକାର ବୁଥରେ। କେବଳ ବୟସ୍କ ନୁହଁନ୍ତି, ମତଦାନର ଉତ୍ସବରେ ନବାଗତଙ୍କ ଉତ୍ସାହ ବି ବାରି ହେଉଥିଲା। ମନରେ ଅଜସ୍ର ଉତ୍କଣ୍ଠା ଆଉ ଆବେଗ ଭିତରେ ପ୍ରଥମ ଥର ପାଇଁ ନିଜର ଅଧିକାର ସାବ୍ୟସ୍ତ କରିଛନ୍ତି ଯୁବ ଭୋଟର। ନୂଆପଡ଼ା ଅଞ୍ଚଳର ବିକାଶ ଏବଂ ଭବିଷ୍ୟତକୁ ଆଖିରେ ରଖି ଅଙ୍ଗୁଳିରେ କାଳି ଲଗାଇ, ଇଭିଏମ ମେସିନରେ ବଟନ ଦବାଇ ନିଜ ମନ ପସନ୍ଦର ପ୍ରାର୍ଥୀ ବାଛିଛନ୍ତି। ବାପା ରାଜୁ ଢୋଲକିଆଙ୍କ ଦେହାନ୍ତ ପରେ ପ୍ରଥମ ଥର ପାଇଁ ବିଜେପିରୁ ନିଜ ଭାଗ୍ୟ ପରୀକ୍ଷା କରିଥିବା ପୁଅ ଜୟ ଆଜି ମତଦାନ କେନ୍ଦ୍ରକୁ ଯିବା ଆଗରୁ ପତ୍ନୀଙ୍କ ସହ କରିଥିଲେ ଏଭଳି ପୂଜା ପାଠ। ସେହିପରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନୂଆପଡ଼ା ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ମତଦାନ କେନ୍ଦ୍ରରେ ମତଦାନ କରିଥିଲେ। ତେବେ ୩ ପ୍ରମୁଖ ପ୍ରାର୍ଥୀଙ୍କ ଆଶା, ନିଜ ନିଜର ବିଜୟକୁ ନେଇ। ମତଦାନକୁ ଅବାଧ, ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ଥିଲା ସବୁଠୁ ବଡ଼ ଚାଲେଞ୍ଜ। ମାଓ ପ୍ରଭାବିତ ସୁନାବେଡ଼ାର ୮ଟି ବୁଥ୍ ଥିଲା ଅତି ସମ୍ବେଦନଶୀଳ। ତେଣୁ ସାରା ଇଲାକାକୁ ଘେରି ରହିଥିଲେ ଝଙଏ କମାଣ୍ଡୋଙ୍କ ସହ ଉଜଚର। ଆଉ ଠିକ୍ ଅପରାହ୍ନ ୪ଟାରେ ସୁରୁଖୁରୁରେ ମତଦାନ ସରିବା ପରେ ଋଠଗ ସହ ପୋଲିଂ ପାର୍ଟିକୁ ଧରି ବାୟୁସେନାର ହେଲିକପଟର ପହଞ୍ଚିଥିଲା ଗୋତମା ଏୟାରଷ୍ଟ୍ରିପ୍। ସେଠାରୁ ନିଆଯାଇଥିଲା ଷ୍ଟ୍ରଙ୍ଗ ରୁମକୁ। ତେବେ ମତଦାନବେଳେ କାଁ ଭାଁ ଗୋଟିଏ ଦୁଇଟି ସ୍ଥାନରେ ଦେଖାଇଥିଲା ସାମାନ୍ୟ ତୁତୁ ମେଁମେଁ।

# ଏକଜିଟ୍ ପୋଲ: ବିହାରରେ କ୍ଷମତା ବଜାୟ ରଖିବ ଏନଡିଏ: ନିରାଶ ହେବ ମହାଗଠବନ୍ଧନ




ନୂଆଦିଲ୍ଲୀ,୧୧/୧୧ : ହାଇଭୋଲଟେଜ ବିହାର ବିଧାନସଭା ପାଇଁ ଭୋଟିଂ ଶେଷ ହୋଇଛି। ନଭେମ୍ବର ୬ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଓ ଆଜି ବାକି ଥିବା ୧୨୨ଟି ଆସନ ପାଇଁ ମତଦାନ ଶେଷ ହୋଇଛି। ମତଦାନ ଶେଷ ହେବା ସହ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଆସନ୍ତା ୧୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ସନ୍ଧ୍ୟା ୫ଟା ସୁଦ୍ଧା ବିହାରର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ପ୍ରାୟ ୬୭.୧୪% ରହିଛି। କିଷନଗଞ୍ଜ, କଟିହର, ପୁର୍ଣ୍ଣେଆ ଓ ଆରାରିୟାରେ ରେକର୍ଡ ସଂଖ୍ୟକ ଭୋଟିଂ ହୋଇଛି। ଏହି ୪ ଜିଲ୍ଲାରେ ସନ୍ଧ୍ୟା ୫ଟା ସୁଦ୍ଧା ଯଥାକ୍ରମେ ୭୬.୨୬%, ୭୫.୨୩%, ୭୩.୭୯% ଓ ୬୭.୭୯% ଭୋଟିଂ ରେକର୍ଡ ହୋଇଛି। ନାୱାଡାକୁ ଛାଡ଼ି ବାକି ସବୁ ଜିଲ୍ଲାରେ ଭୋଟିଂ ହାର ୬୦% ଉପରେ ରହିଛି। ନାୱାଡାରେ ୫୭.୧୧% ଭୋଟିଂ ହୋଇଥିବା ସୂଚନା ମିଳିଛି। ଧାର୍ଯ୍ୟ ସମୟ ସନ୍ଧ୍ୟା ୬ଟେ ପରେ ମଧ୍ୟ ଅନେକ ବୁଥରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ସମୟ ଶେଷ ହୋଇଥିଲେ ହେଁ ଧାଡ଼ିରେ ଥିବା ଲୋକମାନେ ଭୋଟ ଦେବେ। କିନ୍ତୁ ସନ୍ଧ୍ୟା ୬ଟା ଯାଏ ଭୋଟିଂ ସମୟ ଥିବାରୁ ବିଧିବଦ୍ଧ ଭାବେ ବିହାର ନିର୍ବାଚନ ଶେଷ ହୋଇଛି। ▶▶ପୃଷ୍ଠା ୭

## ବିହାରରେ କାମ ଦେଲାନି ପ୍ରଶାନ୍ତ କିଶୋରଙ୍କ ଷ୍ଟ୍ରାଟେଜି: ଏକଜିଟ୍ ପୋଲ୍‌ରେ ବଡ ଝଟକା।




## ଦିଲ୍ଲୀରେ ବିସ୍ଫୋରଣ ପରେ ଓଡ଼ିଶାରେ ହାଇଆଲର୍ଟ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଦିଲ୍ଲୀରେ ବିସ୍ଫୋରଣ ପରେ ଓଡ଼ିଶାରେ ହାଇଆଲର୍ଟ। ବିଶେଷ ଭାବରେ ପୋଲିସ ବିଭାଗ ସହ ଗତକାଲିଠାରୁ ଆଲୋଚନା କରାଯାଇ ସମସ୍ତ ଜାଗାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପୁରୀ ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଭାବରେ ସୁରକ୍ଷାକୁ ଅଧିକ ମାତ୍ରାରେ ବୃଦ୍ଧି କରାଯାଇଛି। ସେହିଭଳି ରାଜ୍ୟର ସମସ୍ତ ରେଳ ଷ୍ଟେସନ, ବିମାନବନ୍ଦରରେ ମଧ୍ୟ ସୁରକ୍ଷା ବୃଦ୍ଧି ହୋଇଛି।

# ଦିଲ୍ଲୀ ବିସ୍ଫୋରଣର ଲିଙ୍କ୍ ଖୋଜୁଛି ଏନଏସଜି ଓ ଏନଆଇଏ ଟିମ୍

## ଗୃହମନ୍ତ୍ରୀ ଦେଲେ ନିର୍ଦ୍ଦେଶ, ଆତଙ୍କୀଙ୍କୁ ଖୋଜି ଖୋଜି ବାହାର କର



ନୂଆଦିଲ୍ଲୀ,୧୦/୧୧ : ଦିଲ୍ଲୀର ସବୁଠୁ ସୁରକ୍ଷିତ ଅଞ୍ଚଳ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଆତ୍ମଘାତୀ ବିସ୍ଫୋରଣ ସାରା ଦେଶକୁ ଦୋହଲାଇ ଦେଇଛି । ବିସ୍ଫୋରଣ ପଛର ସତ ଓ ଦୋଷୀଙ୍କୁ ଧରିବାକୁ ଏନଆଇଏକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ତଦନ୍ତରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଆତ୍ମଘାତୀ ବିସ୍ଫୋରଣର ଆତଙ୍କୀ ମାଷ୍ଟର ମାଇଣ୍ଡ ଜଣେ ଡାକ୍ତର । ଖାଲି ସେତିକି ନୁହେଁ ଏହି ଷଡ଼ଯନ୍ତ୍ରରେ ସାମିଲ ୫ଜଣ ଡାକ୍ତର ଗିରଫ ହେବା ସାରା ଦେଶକୁ ଚମକାଇ ଦେଇଛି । ଆତ୍ମଘାତୀ କାର ବିସ୍ଫୋରଣ ଘଟଣାସ୍ଥଳରେ ତଦନ୍ତ ଏନଆଇଏ ଆରମ୍ଭ କରିଛି । ଏନଆଇଏ ତଦନ୍ତରୁ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି । ବିସ୍ଫୋରଣ ପଛରେ ଉଚ୍ଚଶିକ୍ଷିତ ଡାକ୍ତରଙ୍କ ଆତଙ୍କୀ ମୋଡ୍ୟୁଲର ସଂପୃକ୍ତି ସାରା ଦେଶକୁ ଚମକାଇ ଦେଇଛି। ବିସ୍ଫୋରଣ ଏହି ଲିଙ୍କ୍ ଦିଲ୍ଲୀ-ଫରିଦାବାଦ ଓ କାଶ୍ମୀର ଯାଏଁ ଲମ୍ବିଥିବା ସ୍ପଷ୍ଟ ହୋଇଛି । ଫରିଦାବାଦର ମେଡିକାଲ କଲେଜରୁ କାଶ୍ମୀରର ମୌଲବୀ ଯାଏ ଆତଙ୍କବାଦର ବିଷ ବୁଣିଥିବା ଜଣାପଡିଛି । ▶▶ପୃଷ୍ଠା ୭

# ପୁଲିସ ଏସଆଇ କେଳେଙ୍କାରୀ ମାମଲା: ପ୍ରକାଶ ପାଇଲା ସିବିଆଇ ତଦନ୍ତ ବିଜ୍ଞପ୍ତି




ଭୁବନେଶ୍ୱର, ୧୧/୧୧ (ନି.ପ୍ର): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲା। ସିବିଆଇ ତଦନ୍ତ ପାଇଁ ମିଳିଲା କେନ୍ଦ୍ର ସରକାରଙ୍କ ଅନୁମତି । ମମାଲାର ତଦନ୍ତ ପାଇଁ ଅକ୍ଟୋବର ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ସୁପାରିଶ କରିଥିଲେ । ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅନୁମୋଦନ ଦେଇଛନ୍ତି। ପୁଲିସ ସବ୍-ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ କ୍ରାଇମ ବ୍ରାଞ୍ଚ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉଥିଲା । ତେବେ ଏହି ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ ବ୍ୟାପୀ ଥିବାର ସନ୍ଦେହ କରାଯାଉଛି । ଏଥିରେ ଆନ୍ତରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବାର ସନ୍ଦେହ ମଧ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ । ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟି ଗିରଫ ହୋଇଛି । ନେପାଳ ସୀମାରୁ କ୍ରାଇମବ୍ରାଞ୍ଚ ଶଙ୍କରକୁ ଗିରଫ କରିଥିଲା । ଶଙ୍କର ପୃଷ୍ଟିଙ୍କ ସହ ମାମଲାରେ ଜଡିତ ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ ପୁଲିସ ଗିରଫ କରିଛି । ଶଙ୍କର ନିକଟରୁ ଦୁଇଟି ମୋବାଇଲ୍ ଫୋନ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଥିବା ବେଳେ ଗାଜିଆବାଦରୁ ଗୋଟିଏ ଫର୍ଚୁନର ଗାଡ଼ି ଜବତ କରାଯାଇଛି । ▶▶ପୃଷ୍ଠା ୭

# ଭାରତ ଉପରୁ ଟାରିଫ୍ ହଟାଇବେ ଟ୍ରମ୍ପ



ନୂଆଦିଲ୍ଲୀ,୧୧/୧୧ : ଆମେରିକାରୁ ଭାରତ ପାଇଁ ଏକ ବଡ଼ ଖୁସି ଖବର ଆସିଛି । ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଭାରତ ଉପରେ ଟାରିଫକୁ ଅଧା ଅର୍ଥାତ୍ ୫୦% ହ୍ରାସ କରିବେ। ଟ୍ରମ୍ପଙ୍କ ତରଫରୁ ଏହା ମଧ ସ୍ପଷ୍ଟ କରାଯାଇଛି ଯେ ରୁଷିଆ ତେଲ କ୍ରୟ ହିଁ ସେହି ବଡ଼ କାରଣ ଥିଲା, ଯେଉଁଥିପାଇଁ ଭାରତ ଉପରେ ଲଗାଯାଇଥିବା ଟାରିଫକୁ ଦ୍ୱିଗୁଣିତ କରାଯାଇଥିଲା । ବର୍ତ୍ତମାନ ସେ ଏହି ଉଚ୍ଚ ଟାରିଫକୁ କମ୍ କରିବାକୁ ଘୋଷଣା କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, 'ବର୍ତ୍ତମାନ ରୁଷର ତେଲ ଯୋଗୁଁ ଭାରତ ଉପରେ ଟାରିଫ ବହୁତ ଅଧିକ ଅଛି । କିନ୍ତୁ ସେ ବର୍ତ୍ତମାନ ଋଷିଆଠାରୁ ତୈଳ କ୍ରୟକୁ କମ୍ କରିଛନ୍ତି ।' ଆମେରିକୀୟ ରାଷ୍ଟ୍ରପତି ଆହୁରି କହିଛନ୍ତି ଯେ ଏହି କାରଣରୁ ବର୍ତ୍ତମାନ ଆମେ ମଧ ଭାରତ ଉପରେ ଲଗାଇଥିବା ଟାରିଫକୁ କମ୍ କରିବୁ । ଏହା ପୂର୍ବରୁ ଟ୍ରମ୍ପ ଭାରତ ସହିତ ବ୍ୟାପାର ସମ୍ବନ୍ଧରେ ନରମ ଆଭିମୁଖ୍ୟର ସଙ୍କେତ ଦେଇ କହିଥିଲେ ଯେ ଆମେ ଭାରତ ସହିତ ଟ୍ରେଡ ଡିଲର ବହୁତ ନିକଟରେ ଅଛୁ, ଶୀଘ୍ର ଭାରତୀୟ ସାମଗ୍ରୀ ଉପରେ ଲଗାଯାଇଥିବା ଉଚ୍ଚ ଟାରିଫରେ ହ୍ରାସ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଭାରତ ଉପରେ ୨୫ ପ୍ରତିଶତର ରେସିପ୍ରୋକାଲ ଲଗାଇଥିଲେ । କିନ୍ତୁ କିଛି ମାସ ପରେ ଏହାକୁ ହଠାତ୍ ବଢ଼ାଇ ୫୦% କରିଦିଆଯାଇଥିଲା । ଟ୍ରମ୍ପ ଭାରତ ଉପରେ ରୁଷୀୟ ତେଲ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ କରି ଭ୍ଲାଦିମିର ପୁଟିନଙ୍କ ୟୁକ୍ରେନ ଯୁଦ୍ଧରେ ଆର୍ଥିକ ସହାୟତା କରିବାର ଅଭିଯୋଗ ଲଗାଇଥିଲେ। କେବଳ ଟ୍ରମ୍ପ ନୁହଁନ୍ତି, ବରଂ ତାଙ୍କ ମନ୍ତ୍ରୀମାନେ ମଧ ଏହି ପ୍ରସଙ୍ଗରେ ଭାରତ ଉପରେ ଲଗାତାର ଟାର୍ଗେଟ୍ କରୁଥିଲେ । ଯଦି ଭାରତ ଏବଂ ଆମେରିକା ମଧ୍ୟରେ ଟ୍ରେଡ ଡିଲକୁ ନେଇ ଅପଡେଟ୍ କଥା କହିବା, ତେବେ ଉଭୟ ଦେଶ ମଧ୍ୟରେ ବ୍ୟାପାର ବାର୍ତ୍ତା ଚଳିତ ବର୍ଷ ଫେବୃଆରୀ ୨୦୨୫ରେ ଆରମ୍ଭ ହୋଇଥିଲା । ଭାରତ ଏବଂ ଆମେରିକାର ନେତାମାନେ ନିଜ ଅଧିକାରୀମାନଙ୍କୁ ଏକ ପ୍ରସ୍ତାବିତ ଦ୍ୱିପାକ୍ଷିକ ବ୍ୟାପାର ଚୁକ୍ତି ଉପରେ ବାର୍ତ୍ତା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଦୁର୍ଦ୍ଦାନ୍ତ ବଚ୍ ଅନ୍ନା ସହ ୬ ମାଓବାଦୀ ନିହତ: ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୧୧/୧୧ (ନି.ପ୍ର): ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ମାଓବାଦୀ ଏବଂ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିବିନିମୟରେ ମଦେଡ ଏରିଆ କମିଟିର ମୁଖ୍ୟ ବୁଚ ଅନ୍ନା ସମେତ ୬ ଜଣ କ୍ୟାଡର ନକ୍ସଲ ନିହତ ହୋଇଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବର ପାଇ ବିଜାପୁର ଜିଲ୍ଲାରେ ରହିଥିବା ଜାତୀୟ ଉଦ୍ୟାନରେ ଡିଆରଜି, ସିଆରପିଏଫ ଏବଂ ଜିଲ୍ଲା ପୁଲିସ ଚଢାଉ କରିଥିଲେ।

# ଦେଢ଼ ଲକ୍ଷ ଟ୍ରିଲିୟନ ଡଲାରର ଅର୍ଥନୀତି: ୮% ଆର୍ଥିକ ଅଭିବୃଦ୍ଧି, କୋଟିଏ ନୂଆ ନିଯୁକ୍ତି




ଭୁବନେଶ୍ୱର, ୧୧/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଛନ୍ତି । ରାଜ୍ୟ ଅର୍ଥନୀତିର ଗୋଲାପୀ ଚିତ୍ର ଦେଖାଇ ଏକ କୋଟିରୁ ଅଧିକ ନୂଆ ନିଯୁକ୍ତି ସୃଷ୍ଟିର ସମ୍ଭାବନା ସହ ଓଡ଼ିଶାକୁ ଦେଢ଼ ଲକ୍ଷ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ସ୍ୱପ୍ନ ଦେଖାଇଛନ୍ତି । ରାଜ୍ୟର ଅର୍ଥନୀତି ଜାତୀୟ ହାରଠୁ ବେଶ୍ ଆଗରେ ଅର୍ଥାତ୍ ୨୦୨୬-୨୭ରେ ବାର୍ଷିକ ୮ ପ୍ରତିଶତ ହାରରେ ଅଭିବୃଦ୍ଧି କରିବ ଓ ଅପେକ୍ଷାକୃତ ୧୦ ପ୍ରତିଶତ ଅଧିକ ରାଜସ୍ୱ ବୃଦ୍ଧିର ସମ୍ଭାବନା ବ୍ୟକ୍ତ କରିଛନ୍ତି ସରକାର। କେବଳ ସେତିକି ନୁହେଁ ବଜେଟ୍ ପ୍ରସ୍ତୁତିରେ ରଣନୀତିକ ସୁଧାର ଆଣି ବିଭାଗଗୁଡ଼ିକ ଏଣିକି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ନିମନ୍ତେ ୩ବର୍ଷିଆ ବ୍ୟୟବରାଦ ନିର୍ଦ୍ଧାରଣ କରିବେ । ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଆସନ୍ତା ୨୮ତାରିଖରେ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି କରୁଥିବା ଡୟସତ୍ୱଷବ ଅର୍ଥ ବିଭାଗ ୨୦୨୬-୨୭ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜିବ ମିଶ୍ର ଆଜି ସମସ୍ତ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ଡିସେମ୍ବର ୨୦ତାରିଖ ସୁଦ୍ଧା ବଜେଟ୍ ପ୍ରସ୍ତାବ ପଠାଇବାକୁ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୬ ଫେବୃୟାରୀ ତୃତୀୟ ସପ୍ତାହରେ ଏହି ବାର୍ଷିକ ବଜେଟ୍ ବିଧାନସଭାରେ ଆଗତ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ବାର୍ଷିକ ବଜେଟ୍ କେବଳ ଆଗାମୀ ବର୍ଷ ପାଇଁ ଖର୍ଚ୍ଚ ଏବଂ ରାଜସ୍ୱର ରୂପରେଖ ▶▶ପୃଷ୍ଠା ୭

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରିଂଟ ଡିଜାଇନିଂ ଏବଂ ବିଜ୍ଞାପନ ଅଭିଯାନ ଉପରେ ଦୁଇଦିନିଆ କର୍ମଶାଳା

ଜୟପୁର,୧୧/୧୧ (ନି.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣମାଧ୍ୟମ ଦକ୍ଷତା ବୃଦ୍ଧି କରିବାର ଲକ୍ଷ୍ୟ ରଖି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ବିଭାଗ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପ୍ରିଂଟ ଡିଜାଇନିଂ ଏବଂ ବିଜ୍ଞାପନ ଅଭିଯାନ ଉପରେ ଏକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଗୟା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ପ୍ରଫେସର ଆତିଶ ପରାଶର ଯୋଗଦେଇ ପ୍ରିଂଟ ଡିଜାଇନିଂ ଏବଂ ବିଜ୍ଞାପନର ବିଭିନ୍ନ ଦିଗ ବିଷୟରେ ତାଲିମ ଦେଇଥିଲେ।

ପ୍ରଫେସର ପଣ୍ଡା ସାମାଜିକ ସେତୁ ଭାବରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସାମାଜିକ କଲ୍ୟାଣ ପାଇଁ ସକାରାତ୍ମକ ଗଣମାଧ୍ୟମର ଗୁରୁତ୍ୱ ଉପରେ କହିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଉଦୀୟମାନ ଗଣମାଧ୍ୟମ କୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଅପଡେଟ୍ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି କୃତ୍ରିମ ବୁଦ୍ଧିମତା ଗଣମାଧ୍ୟମରେ କିପରି ପ୍ରୟୋଗ ହେଉଛି ସେ ବିଷୟରେ ସବିଶେଷ ଜ୍ଞାନ ଲାଭ କରିବାକୁ ପ୍ରେରଣା ଦେଇଥିଲେ। ପ୍ରଫେସର ପରାଶର ଗଣମାଧ୍ୟମ ପ୍ରଭାବଶାଳୀତା ପାଇଁ ପ୍ରଯୁକ୍ତିବିଦ୍ୟାକୁ ବୁଝିବା ଏବଂ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ସମସାମୟିକ ଗଣମାଧ୍ୟମ ଶିକ୍ଷାରେ ଦକ୍ଷତା ବିକାଶର ଗୁରୁତ୍ୱକୁ ଗୁରୁତ୍ୱାରୋପ କରିଥିଲେ।

ଡକ୍ଟର ରାକେଶ କୁମାର ଲେଙ୍କା, ଭାରପ୍ରାପ୍ତ କୁଳସଚିବ ଏହି କର୍ମଶାଳାକୁ ଗଣମାଧ୍ୟମ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିଖିବା ଏବଂ ସେମାନଙ୍କର ଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ଏକ ଅତ୍ୟାବଶ୍ୟକ ପ୍ଲାଟଫର୍ମ ବୋଲି କହିଥିଲେ। ସେ ପୁନରାବୃତି କରିଥିଲେ ଯେ, ପ୍ରଯୁକ୍ତିବିଦ୍ୟା ଯୁଗରେ, ବ୍ୟବହାରିକ ଦକ୍ଷତା ହାସଲ କରିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ବୃତିଗତ ସଫଳତା ପାଇଁ ଏକ ଅସ୍ତ୍ର। ବିଭାଗର ମୁଖ୍ୟ ଡକ୍ଟର ନିଖିଳ କୁମାର ଗୌଡ଼ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାର ଉଦ୍ଦେଶ୍ୟ ବିଷୟରେ କହିବା ସହ ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ପ୍ରଦୋଷ କୁମାର ରଥ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଦୁଇ ଦିନ ଧରି, ଛାତ୍ରଛାତ୍ରୀମାନେ ପ୍ରିଂଟ ଡିଜାଇନିଂ ଏବଂ ବିଜ୍ଞାପନ ରଣନୀତି ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ ତାଲିମ ନେଇଥିଲେ। ଏହି ତାଲିମ ସେମାନଙ୍କର ବ୍ୟବହାରିକ, ଶିଳ୍ପ-ପ୍ରାସଙ୍ଗିକ ଗଣମାଧ୍ୟମରେ କାର୍ଯ୍ୟ କରିବାର ଦକ୍ଷତାକୁ ତ୍ୱରାନ୍ୱିତ କରିଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଏବଂ ଛାତ୍ରମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଅର୍ଥନୀତି ପ୍ରଫେସର ପ୍ରଫେସର ରତିକାନ୍ତ କୁମ୍ଭାର, ଜୈବ-ବିବିଧତା ବିଭାଗର ଡକ୍ଟର ଦେବବ୍ରତ ପଣ୍ଡା ଏବଂ କାକୋଲି ବାନାର୍ଜୀ, ନୃବିଜ୍ଞାନ ବିଭାଗର ଡକ୍ଟର ଏସ.କେ. ଶ୍ରୀନିବାସ, ସମାଜବିଜ୍ଞାନ ବିଭାଗ ଡକ୍ଟର ନୂପୁର ପଟ୍ଟନାୟକ, କୃଷି ବିଭାଗର ଡକ୍ଟର ଅନୁପମ ଡାକୁଆ, ହିନ୍ଦୀ ବିଭାଗର ଡକ୍ଟର ମନୋଜ ସିଂହ, ସଂସ୍କୃତ ବିଭାଗର ଡକ୍ଟର ଦେବାସିସ୍ କର୍ମକାର, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡକ୍ଟର ସୌରଭ ଗୁପ୍ତା, ଡକ୍ଟର ଗୌରବ ରଞ୍ଜନ, ସୁମିତ କୁମାର ବେହେରା, ଡକ୍ଟର ସୋନି ପାଢ଼ୀ, ଡକ୍ଟର ତଲତ ଜାହାନ ବେଗମ, ଲୋକସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ର, ଗବେଷଣା ବିଦ୍ୱାନ ଏବଂ ବିଶ୍ୱବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

## କେଶଦୁରାପାଳ ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

କେନ୍ଦୁଝର,୧୧/୧୧ (ନି.ପ୍ର): ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ସ୍ଥିତ ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପଣ୍ଡାଙ୍କ ବଳିଷ୍ଠ ନେତୃତ୍ୱରେ ୪୦ଟି ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ଶିଶୁ ପ୍ରତିଭା ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ପଂଚସଖା ଶିକ୍ଷା ସେତୁ ସଭାପତି ଅନାମ ଚରଣ ସେନାପତି, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ସାହୁ, କେଶଦୁରାପାଳ ସରକାରୀ ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାର୍ଥସାରଥୀ ରାଉତ ଏବଂ ତରୀମୂଳ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବ୍ରଜକିଶୋର ସାହୁ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ କ୍ଷେତ୍ରବାସୀ ବେହେରା ଏବଂ ଅନ୍ୟତମ ବିଜ୍ଞାନ ଶିକ୍ଷୟତ୍ରୀ ନିରୁପମା ପୃଷ୍ଟି ପ୍ରଦର୍ଶନୀର ପ୍ରତ୍ୟକ୍ଷ ପରିଚାଳନା କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା,୧୧/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ଆଜି ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଧର୍ମଶାଳା ବ୍ଲକ ପରିସରରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶିମଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଶିବାନନ୍ଦ ସ୍ୱାଇଁ, ପିଡି ଡିଆରଡିଏ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ସଡିଏମଓ ବିଜୟ କୁମାର ମିଶ୍ର ସମେତ ସମସ୍ତ ଲାଇନର ଅଧିକାରୀମାନେ ଉପସ୍ଥିତ ରହି ଏହି ଜନ ଶୁଣାଣୀ କରିଥିଲେ । ଏହି ଶିବିରରେ ଆଜି ୧୮୮ ଗୋଟି ଅଭିଯୋଗ ଅସିଥିବା ବେଳେ ୯୪ ଗୋଟି ସାଧାରଣ, ୩୮ ଗୋଟି ବ୍ୟକ୍ତିଗତ, ୪ ଗୋଟି ସମୂହ, ମୁଖ୍ୟମନ୍ତ୍ରୀଙ୍କ ପାଂଠିରୁ ସହୟତା ଲାଗି ୫୨ ଗୋଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୫୮ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ତୁରନ୍ତ ଫାଇସଲା ହୋଇପାରିନଥିବା ଅଭିଯୋଗ ଗୁଡିକୁ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ପିଇବା ପାଣି, ଅବାସ,ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଅଧିକ ଅଭିଯୋଗ ଅସିଥିବା ଜଣାଯାଇଛି । ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ସମିର ରଞ୍ଜନ ଦାସ, ସମେତ ଥାନା ଅଧିକାରୀ ରଞ୍ଜନ କୁମାର ମାଝି ଓ କର୍ମଚାରୀମାନେ ଜନଶୁଣୀ ଶିବିରକୁ ପରିଚଳନାରେ ସହାୟତା କରିଥିଲେ । ତେବେ ଜନଶୁଣାଣୀ ସମ୍ପର୍କରେ ପ୍ରଶାସନ ପକ୍ଷରୁ ପୁର୍ବରୁ ସେଭଳି ପ୍ରଚାର ଓ ପ୍ରସାର କରାଯାଉ ନଥିବା ନେଇ ଅନେକ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଥିଲେ । ତେବେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଅଭିଯୋଗ ଶିବିର ପାଇଁ ଆଗାମୀ ଦିନରେ ସାଧାରଣ ଲୋକମାନଙ୍କୁ ଅବଗତ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ । ଯାହା ଫଳରେ ଅଧିକରୁ ଅଧିକ ଲୋକେ ଏହି ଶିବିରରେ ସାମିଲ ହୋଇ ନିଜର ଅଭିଯୋଗ ରଖିପାରିବେ ବୋଲି ଜିଲ୍ଲାପାଳା ଶ୍ରୀ କର ସୂଚନା ଦେଇ କହିଛନ୍ତି ।

## ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ତେଲଗୁ ଫିଲ୍ମ ସୁଟିଂ

ଜୟପୁର,୧୧/୧୧ (ନି.ପ୍ର): ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିର ଆକର୍ଷଣ ଧୀରେ ଧୀରେ କୋରାପୁଟ ପ୍ରତି ବଢୁଛି। ପହାଡ଼, ଝରଣା, ଜଙ୍ଗଲ ଓ ପ୍ରକୃତିର ମାୟାବୀ ସୌନ୍ଦର୍ଯ୍ୟ ଏଠାକୁ ଚଳଚ୍ଚିତ୍ର ନିର୍ମାଣ ପାଇଁ ଅନୁକୂଳ ସ୍ଥାନରେ ପରିଣତ କରିଛି। ଅଳ୍ପଦିନ ପୂର୍ବରୁ ପ୍ରିୟଙ୍କା ଚୋପ୍ରା ଓ ମହେଶ ବାବୁ ସୁଟିଙ୍ଗ କରି ଫେରିଥିବା ବେଳେ, ପୁଣି ଗୋଟିଏ ନୂତନ ଦଳ ଏଠାରେ ଚଳଚିତ୍ର କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ସୂଚନା ଅନୁଯାୟୀ, ‘ସ୍କନ୍ଦା ବାହାନ ପ୍ରଡକ୍ସନ’ ତରଫରୁ ପ୍ରଯୋଜକ ଭି. ଭିଜୟ କ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ଦକ୍ଷିଣ ଭାରତୀୟ ଅଭିନେତା ଶ୍ରୀ ବିଷ୍ଣୁ ଓ ଅଭିନେତ୍ରୀ ମହିମା ରନ୍ଧିଆ କୋରାପୁଟ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ସୁଟିଙ୍ଗ କରୁଛନ୍ତି। ବିଶେଷତଃ ଶାବର ଶ୍ରୀକ୍ଷେତ୍ରରେ ସୁଟିଙ୍ଗ ହେଉଥିବାରୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ପର୍ଯ୍ୟଟନ ବିଭାଗ ମତାନୁସାରେ, ଚଳଚ୍ଚିତ୍ର ଶିଳ୍ପ ମାଧ୍ୟମରେ କୋରାପୁଟର ସୌନ୍ଦର୍ଯ୍ୟତା ଦେଶ-ବିଦେଶରେ ପ୍ରଚାର ହେଉଥିବାରୁ ଆସନ୍ତାଦିନରେ ପର୍ଯ୍ୟଟନ ଗତିବିଧି ଆହୁରି ବଢ଼ିବାର ସମ୍ଭାବନା ରହିଛି। ଆର୍ଥିକ ଓ ସାଂସ୍କୃତିକ ମାନଚିତ୍ରରେ କୋରାପୁଟକୁ ନୂଆ ପରିଚୟ ଦେବାରେ ଏହି ସୁଟିଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଲୋକ ମାନଙ୍କର ମତ ରହିଛି ।

## ସରକାରି ଜମିରେ ଅବୈଧ ଘରକୁ ଭାଙ୍ଗିଲା ପ୍ରଶାସନ

କେନ୍ଦୁଝର,୧୧/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ବଡବିଲ ଆଖପାଖ ଅଂଚଳରେ ବିଭିନ୍ନ ଅପରାଧରେ ଜଡିତ ଥିବା ୱାର୍ଡ୍ ୮ର ମହମ୍ମଦ ରାଜା, ସହଦତ୍ ଖାନ୍, ଅଭିମନ୍ୟୁ ପ୍ରଧାନ ଓ ଆଲୋକ ରାମଙ୍କ ଘର ଭାଙ୍ଗିଛି ସ୍ଥାନୀୟ ପ୍ରଶାସନ । ସରକାରୀ ଜମି ମାଡ଼ି ବସି ଘର କରିଥିବା ସ୍ଥାନରେ ବୁଲଡୋଜର ବୁଲାଇଛି ସ୍ଥାନୀୟ ପ୍ରଶାସନ । ବ୍ୟାପକ ପୁଲିସ୍ ଉପସ୍ଥିତରେ ଆଜି ଚାରି ଅଭିଯୁକ୍ତଙ୍କ ଘର ମାଟିରେ ମିଶିଛି । ସମସ୍ତ ଅପରାଧୀଙ୍କ ବିରୋଧରେ ବିଭିନ୍ନ ସଙ୍ଗୀନ ମାମଲା ରହିଛି ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦଶମନ୍ତପୁର ଜୋନ୍ ବୈଠକ

ଜୟପୁର ,୧୧/୧୧ (ନି.ପ୍ର): ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦଶମନ୍ତପୁର ଜୋନ୍ ଜେନେରାଲ ବଡ଼ି ମିଟିଂ ସୁଶ୍ରୀ ମିତା ଜାନୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାକୁ ଉଦଘାଟନ କରି ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ସର୍ବଭାରତୀୟ ମହାଧିବେଶନ ର ଆହ୍ୱାନ କୁ ଉପସ୍ଥାପିତ କରିଥିଲେ । ସେପ୍ଟେମ୍ବର ୨୧ ରୁ ୨୫ ଚଣ୍ଡୀଗଡ଼ ଠାରେ ଅନୁଷ୍ଠିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ମହାଧିବେଶନ ଆହ୍ୱାନ ଦେଇଛି ଭାରତ ବର୍ଷର ଧର୍ମନିରପେକ୍ଷ ସମ୍ବିଧାନ କୁ ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ପରିଚାଳିତ ବିଜେପି ସରକାର ଧ୍ୱଂସ କରିବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛି। ଦେଶର ଗରୀବ ମେହନତୀ ମଣିଷ ର ଆବଶ୍ୟକ ସର୍ବନିମ୍ନ ଜରୁରୀ ବ୍ୟବସ୍ଥା ଖାଦ୍ୟ ବସ୍ତ୍ର ବାସଗୃହ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଜି ବିପର୍ଯ୍ୟସ୍ତ ହୋଇପଡିଛି। ସମସ୍ତ ଙ୍କୁ ସମ୍ବିଧାନ ସମାନ ଅଧିକାର ଦେଇଥିବା ବେଳେ ଦେଶର ସକଳ ସମ୍ପଦ ର ସିଂହ ଭାଗ କେତୋଟି ପୁଞ୍ଜିପତି କବଳରେ । ଦେଶର ଜନସାଧାରଣ ଙ୍କୁ ଭ୍ରମିତ କରି ଧର୍ମୀୟ ସାମ୍ପ୍ରଦାୟିକତା ଭିତ୍ତିରେ ଭାଗ ଭାଗ କରି ଦେଶକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ପାଇଁ କିଛି ସାଧୁ ସନ୍ଥ ଙ୍କ ଜରିଆରେ ଅଭିଯାନ ଆରମ୍ଭ ହୋଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପଞ୍ଜାବ ରେ ଭିନ୍ଦ୍ରେୱାଲା ନେତୃତ୍ୱରେ ଖାଲିସ୍ଥାନୀ ଆତଙ୍କବାଦୀ ମାନଙ୍କ ଖାଲିସ୍ଥାନ ରାଷ୍ଟ୍ର ଦାବି ବିରୁଦ୍ଧରେ ଛିଡ଼ା ହୋଇ ପ୍ରାଣପାତ କରିଥିବା ବେଳେ ଆଜି ଦେଶକୁ ହିନ୍ଦୁ ରାଷ୍ଟ୍ର ନାଁ ରେ ଅସ୍ଥିର କରୁଥିବା ଶକ୍ତି ମାନଙ୍କ ବିରୁଦ୍ଧରେ ସେହିଭଳି ଛିଡା ହେବ । ଦେଶର ଏକତା ଅଖଣ୍ଡତା ଓ ସମ୍ବିଧାନର ସୁରକ୍ଷା ପାଇଁ ଶାଖା ସ୍ତରରୁ ସଚେତନ ଅଭିଯାନ କରିବାକୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ସମ୍ପାଦକ ଶ୍ରୀ ରାମକୃଷ୍ଣ ଦାସ ସମସ୍ତ ଶାଖାର ସଭ୍ୟ ପଦ ନବୀକରଣ କରିବା ସହ ନୂତନ ଶାଖା ଗଠନ କରିବା ପାଇଁ ନିବେଦନ କରିଥିଲେ। ସ୍ଥାନୀୟ ଜନ ସମସ୍ୟା ଓ ଜିଲ୍ଲା ର ସମସ୍ୟା ସମାଧାନ ପାଇଁ ଜନ ଆନ୍ଦୋଳନ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ସହ ସମ୍ପାଦକ ଶ୍ରୀ କୁମର ଜାନୀ ଏବଂ ଜୋନ୍ ସମ୍ପାଦକ ଶ୍ରୀ କଣ୍ଠ କମାର ଦଶମନ୍ତପୁର ଅଞ୍ଚଳରେ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଲଗାତାର ଆନ୍ଦୋଳନ କରିବା ପାଇଁ କହିଛନ୍ତି। ଏଠାର ଖଣି ପାଣି ସବୁ ଥାଇ ମଧ ଆମ ଅଞ୍ଚଳର ଲୋକମାନେ ଦାଦନ ଖଟିବାକୁ ଯାଉଛନ୍ତି । ଏସମସ୍ତ ବିଷୟ ରେ ଜନ ସଚେତନତା ସୃଷ୍ଟି ପାଇଁ ଅଭିଯାନ ଜାରି ରହିବ । ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ଘନ ଗୌଡ଼,ସବା ଗୌଡ଼, ବାରା ଜାନୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ମାଲକାନଗିରି ଇଂଜିନିୟର ସେବା ସଂଘ ସାଧାରଣ ପରିଷଦ ବୈଠକ ଓ ୨୦୨୫ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ

ମାଲକାନଗିରି ,୧୧/୧୧ (ନି.ପ୍ର): ମାଲକାନଗିରିସ୍ଥିତ ଇଂଜିନିୟର ସେବା ସଂଘ ଭବନରେ ସାଧାରଣ ପରିଷଦ ବୈଠକ ଓ ୨୦୨୫ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶା ଡିପ୍ଲୋମା ସେବା ସଂଘର ସଭାପତି ଇଂ ଶ୍ରୀକାନ୍ତ ମହାପାତ୍ର ଯୋଗ ଦେଇଥିବା ବେଳେ ମାଲକାନଗିରି ଶାଖାର ମଣ୍ଡଳ ସଭାପତି ଇଂ କୃତିବାସ ନାୟକ ସଭା ପରିଚାଳନା କରିଥିଲେ।କର୍ତ୍ତକର୍ତ୍ତା ନିର୍ବାଚନରେ ସଭାପତି ଭାବେ ଇଂ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଥିବା ବେଳେ ସଂପାଦିକା ଭାବେ ସୁଦୀପ୍ତା ସାହୁ, ଉପସଭାପତି ଭାବେ ଇଂ ଚୈତନ ସାଗର, କୋଷାଧକ୍ଷ ଭାବେ ଦୀନବନ୍ଧୁ ସାମନ୍ତ, ଅତିରିକ୍ତ ସଂପାଦକ ବାବେ ଇଂ ମଳୟ ମିସ୍ତ୍ରୀ, ସାଂଗଠାନିକ ସଂପାଦକ ଭାବେ ଇଂ ସନାତନ ମାଝୀ, ଉପଦେଷ୍ଟା ଭାବେ ଇଂ କାର୍ତ୍ତିକ ନାୟକ ଏବଂ ଇଂ ପି.ସୋରେନଙ୍କୁ ନିରୀକ୍ଷକ ଭାବେ ନିର୍ବାଚିତ କରାଯାଇଥିଲା। ପରେ ଆୟୋଜିତ ସାଧାରଣ ସଭାରେ ୨୦୨୫ରେ ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ସଂଘର ବିଶେଷତା, ସଂଗଠନରେ ଶୃଙ୍ଖଳା ଏବଂ କିପରି ସଂଗଠନକୁ ସୁଦୃଢ କରାଯିବ ସେନେଇ ଆଲୋଚନା କରାଯାଇଥିଲା।ନୂତନ ଭାବେ ଇଂଜିନିୟରମାନଙ୍କୁ ସଦସ୍ୟତା ପ୍ରଦାନ କରାଯାଇଥିଲା। ସଭାପତି ଭାବେ ନିର୍ବାଚିତ ହୋଇଥିବା ପ୍ରଶାନ୍ତ ବେହେରା ସଂଘକୁ ଆଗକୁ ନେବାକୁ ସମସ୍ତ ସହଯୋଗ କରିବା ସହ ସଂଘର ସମସ୍ତ କର୍ତ୍ତକର୍ତ୍ତା ଏବଂ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଏହି ସଭାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ପଞ୍ଚାୟତରାଜ, ଜଳଯୋଗାଣ, ଜଳସେଚନ, ଆଇଟିଡିଏ ସମେତ ବହୁ ବିଭାଗର ଡିପ୍ଲୋମା ଇଂଜିନିୟରମାନେ ଯୋଗ ଦେଇଥିଲେ। ଇଂ ମଳୟ ମିସ୍ତ୍ରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଅନୁଦାନ ଦାବି

ଧର୍ମଶାଳା,୧୧/୧୧ (ନି.ପ୍ର): ଅନୁଦାନ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ୨୦୧୮ମସିହା ଜୁନ ମାସ ଠାରୁ ଅଦ୍ୟାବଧି କାର୍ଯ୍ୟରତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ କରିବାକୁ ନିଖିଳ ଓଡିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ଦାବି କରାଯାଇଛି । ଏନେଇ ଆଜି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଦାନ ଓ ଅଣ - ଅନୁଦାନ ପ୍ରାପ୍ତ ଉଚ୍ଚ ମାଧ୍ୟମିକ, ଡିଗ୍ରୀ ଓ କପାଳିଟ ମହାବିଦ୍ୟାଳୟରେ ୨୦୧୮ ଜୁନ୍ ମାସ ଠାରୁ ଅଦ୍ୟାବଧି ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସମାନ କାମ ପାଇଁ ସମାନ ଦରମା ଦାବି ରଖାଯାଇଛି । ସରକାର ଏକ ନୂତନ ପଲିସି ଆଣି ପୂର୍ଣ ଅନୁଦାନ କରନ୍ତୁ ବୋଲି ସଂଘ ତରଫରୁ ଦାବୀ ଉପସ୍ଥାପନା କରାଯାଇଛି । ବିନା ବେତନରେ ବହୁ ବର୍ଷ ଧରି ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟ କରିବା ପରେ ମଧ ସରକାର କୌଣସି ପଦକ୍ଷେପ ନ ନେବା ସେମାନଙ୍କ ପରିବାର ପ୍ରତି କୁଠାରଘାତ ହୋଇଛି । ଏମାନଙ୍କର କଷ୍ଟକୁ ଲୋକଙ୍କ ସରକାର ମୋହନ ସରକାର ଦୂର କରିବେ ବୋଲି ସଂଘ ଆଶା କରିଛି ।

## ଉପଭୋକ୍ତାଙ୍କୁ ଟିପିଏନ୍ଓଡିଏଲ୍ ଲୁଟୁଥିବା ଅଭିଯୋଗ: ଚଢ଼ଉ ନକରି ଜୋରିମାନା ଲଗାଉଥିବା ଅଭିଯୋଗ

ଭଦ୍ରକ,୧୧/୧୧ (ନି.ପ୍ର): ବିଦ୍ୟୁତ ବିତରଣ କଂପାନୀ ଟିପିଏନ୍ଓଡିଏଲ୍ (ଟାଟା ପାୱାର) ଲୋକଙ୍କୁ ଲୁଟୁଥିବା ଅଭିଯୋଗ ଆସିଛି । ନଦୀଗାଁ ଷ୍ଟ୍ରକଚର ଅଧିନରେ ଆସୁଥିବା ଧାମନଗର ବ୍ଲକ ଫଳପୁର ଗାଁର ସୁରତୀ ନାୟକ ଅଭିଯୋଗ କରିଛନ୍ତି ଯେ, ଟାଟା ପାୱାରର ଏନଫୋର୍ସମେଂଟ ଟିମ୍ ତାଙ୍କ ବିରୋଧରେ ମିଛ ଜରିମାନା ଲଗାଇଛି । ଏନେଇ ଟିପିଏନ୍ଓଡିଏଲ ଅଶୁରାଳୀ ଅଫିସ ତରଫରୁ ତାଙ୍କୁ ଜଣା ଯିବାପରେ ସେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଟିପିଏନ୍ଓଡିଏଲ୍ ଅଫିସ ତରଫରୁ ତାଙ୍କୁ କୁହାଯାଇଥିଲା ଯେ, ସେ ଗତ ୧୦ ମାସ ଧରି ଚୋରାରେ ବିଦ୍ୟୁତ ବ୍ୟବହାର କରୁଥିଲେ। ଏଥି ପାଇଁ ଏନଫୋର୍ସମେଂଟ ଟିମ୍ ତାଙ୍କ ବିରୋଧରେ ୨୨ ହଜାର ୧୧ ଟଙ୍କା ଫାଇନ କରିଛନ୍ତି। ଏହାସହ ତାଙ୍କ ସ୍ୱାମୀଙ୍କୁ ଡାକି ବିଦ୍ୟୁତ ବିଭାଗ କର୍ମଚାରୀ ଏକ ଚିଠି ଓ ରସିଦ ପ୍ରଦାନ କରିଥିବା ସୁରତୀ କହିଛନ୍ତି। ଏହି ଚିଠିରେ ଦର୍ଶାଯାଇଛି ଯେ, ଗତ ଅକ୍ଟୋବର ୧୩ ତାରିଖରେ ଏନଫୋର୍ସମେଂଟ ଟିମ ତାଙ୍କ ଘର ଉପରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଜାଣିବାକୁ ପାଇଥିଲେ ଯେ, ସେ ବିଦ୍ୟୁତ ଚୋରି କରି ବ୍ୟବହାର କରୁଛନ୍ତି। ୨୦୨୪ ଡିସେମ୍ବର ୨ ରୁ ୨୦୨୫ ଅକ୍ଟୋବର ୧୩ ମଧ୍ୟରେ ସେ ୨୩୭୦ ୟୁନିଟ ବିଦ୍ୟୁତ ବ୍ୟବହାର କରିଛନ୍ତି। ଏ ବାବଦରେ ୟୁନିଟ ପିଛା ସର୍ବାଧିକ ତାରିଫ ଦର ୯ ଟଙ୍କା ୨୯ ପଇସା ହିସାବରେ ୨୨ ହଜାର ୧୧ ଟଙ୍କା ଜରିମାନା କରାଯାଇଛି। ବିଦ୍ୟୁତ ବିଭାଗର ଏ ଜରିମାନା ଚିଠି ପାଇବା ପରେ ସୁରତୀ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅକ୍ଟୋବର ୧୩ ରେ କୌଣସି ଏନଫୋର୍ସମେଂଟ ଟିମ ତାଙ୍କ ଘରକୁ ଆସିନଥିଲେ। ଏପରିକି ତାଙ୍କ ଘରେ କୌଣସି ଗୃହ କୁ ବି ଯାଇନାହାନ୍ତି । ବିଦ୍ୟୁତ ଆଇନ-୨୦୦୩ର ଧାରା ୧୨୬ (ଖ) ଅନୁସାରେ ଚଢ଼ଉ କରିବାକୁ ଆସିଥିବା ଟିମ ବେଆଇନ ବିଦ୍ୟୁତ ବ୍ୟବହାର ସଂପର୍କିତ ପ୍ରମାଣ ସଂଗ୍ରହ କରିବା କଥା। ଯଦି ଟାଂପରିଂ ହୋଇଛି, ତାହାର ଭିଡିଓ କରିବା କଥା ଓ ହୁକ ପକାଇ ଜାଳୁଥିଲେ ବି ତାହାର ଫଟୋ ଉଠାଇବା କଥା। ଏମିତିକି ଚଢ଼ଉ ପରେ ତାଙ୍କୁ କୌଣସି ପ୍ରକାର ନୋଟିସ ବି ଦେଇନାହାନ୍ତି। କେବଳ ସୁରତୀ ଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିନାହିଁ। ଏମିତି ବହୁ ଉପଭୋକ୍ତା ହଇରାଣ ହୋଇଛନ୍ତି। ଜରିମାନା ଦେବାକୁ ବାଧ ହୋଇଛନ୍ତି। ବିଦ୍ୟୁତ କାର୍ଯ୍ୟାଳୟର କର୍ମଚାରି ନିଜ ନାମ ଗୋପନ ରଖି କହି ଛନ୍ତି ଯେ , ଏନଫୋର୍ସ ଟିମ୍ କେଉଁଠୁ ଆସନ୍ତି ଆମ ପାଖରେ କିଛି ସୂଚନା ନଥାଏ। ସେମାନେ ଫାଇନ କରିବା ପରେ କାଗଜପତ୍ର ଆମକୁ ଦେଇ ଯାଆନ୍ତି। ସୁଚନା ଥାଉକି , ବିଦ୍ୟୁତ ଚୋରି ଚଢ଼ଉ ପାଇଁ ଥାର୍ଡ ପାର୍ଟି କୁ ଦାୟିତ୍ୱ ଦିଆଯାଇଛି। ସେମାନେ ନିଜର ଟାର୍ଗେଟ ପୂରଣ ପାଇଁ ମନଇଛା ଚଢ଼ଉ କରିଥିବା ଦେଖାଇ ଫାଇନ ଲଗାଇଥାନ୍ତି। ଥାର୍ଡ ପାର୍ଟିଙ୍କ ଟାର୍ଗେଟ ପୂରଣ ନିଶାରେ ନିରୀହ ଗ୍ରାହକ ହଇରାଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ନଜର ରଖିବା ଉଚିତ ।ତେବେ ଉକ୍ତ ଟିମ୍ ଏହି ବେଆଇନି ଯୋରିମାନା ପାଇଁ ବିଦ୍ୟୁତ୍ ଉପ ଭୋକ୍ତା ଶ୍ରୀମତୀ ନାୟକ ଆଇନି ରେ ଆଶ୍ରୟ ନେବେ ବୋଲି କହିଛନ୍ତି ।

## କେନ୍ଦୁଆପଦାରେ ହରେକୃଷ୍ଣ ମହତାବଙ୍କ ଜନ୍ମ ବାର୍ଷିକୀ

ଭଦ୍ରକ,୧୧/୧୧ (ନି.ପ୍ର): ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ଼.ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜନ୍ମ ବାର୍ଷିକୀ ଉତ୍ସବ କେନ୍ଦୁଆପଦା ଉତ୍କଳ କେଶରୀ ଡ଼.ହରେକୃଷ୍ଣ ମହତାବଙ୍କ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ବିଶିଷ୍ଟ ଗବେଷକ ତଥା ଭଦ୍ରକ ମହତାବ ସ୍ମାରକୀ ପରିଷଦର ସଭାପତି ଡ.ଭାଗବତ ତ୍ରିପାଠୀ କହିଲେ ଡ଼.ମହତାବ ବିରାଟ ବଟବୃକ୍ଷ ଥିଲେ, ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଖବରକାଗଜ ପ୍ରଜାତନ୍ତ୍ର ମାଧ୍ୟମରେ ଖବର ପ୍ରକାଶ କରି ଅନେକ ସମସ୍ୟା ସମାଧାନ କରିପାରୁଥିବା କଥା ସେ କହିଥିଲେ । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷା ଡ.ଅଞ୍ଜଳୀ ଖୁଣ୍ଟିଆ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବାରିକ୍, ଶିକ୍ଷାବିତ୍ ରମେଶ ଚନ୍ଦ୍ର ମହାରଣା, ଅବସରପ୍ରାପ୍ତ ଶାରିରୀକ ଶିକ୍ଷା ଶିକ୍ଷକ ଶ୍ରୀନିବାସ ଲେଙ୍କା ପ୍ରମୁଖ ମହତାବଙ୍କ ପଥ ଅନୁସରଣ କରି ଲକ୍ଷ୍ୟ ପଥରେ ଆଗେଇ ଯିବାକୁ କହିଥିଲେ । ଅଧ୍ୟାପକ ପୁରୁଷୋତମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ହେମନ୍ତ କୁମାର ଜେନା, ଅଧ୍ୟାପକ ତପନ ଜେନା, ପ୍ରଣବ କିଶୋର ରାଉତ, ବିଦ୍ୟାଧର ଲେଙ୍କା, ଜିତେନ୍ଦ୍ର ଭାରତୀ, ଅଧ୍ୟାପିକା ଅଭିଲିପ୍ସା ସାମଲ, ରାଜଶ୍ରୀ ବେହେରା, ରମାମଣି ରାଉତ୍ ପ୍ରମୁଖ ସହଯୋଗ କରିଥିଲେ ।

## ରାଉରକେଲାରେ ଏୟାରପୋର୍ଟ ଚାପ୍ଟର କ୍ଲୋଜ: ଆଗାମୀ ଦିନରେ ମଣିପାଲ ଓ ଆଦାନୀ ଗ୍ରୁପ ସମ୍ଭାଳିବେ ଆଇଜିଏଚ ଓ ଆରଏସପି

ରାଉରକେଲା,୧୧/୧୧ (ନି.ପ୍ର): ରାଉରକେଲା ସହର ଉନ୍ନତି କରିବ, ଏଠି ଦେଶ ବିଦେଶରୁ ରୋଜଗାର ଲାଗି ସୁଯୋଗ ସୃଷ୍ଟି ହେବ, ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ନାନା ସୁଯୋଗ ଆସିବ ଏହାର ମୂଳ ଆଧାର ହେବ ରାଉରକେଲା ଏୟାରପୋର୍ଟ, ଏହି ଡାକରା ବିଭିନ୍ନ ଦଳ, ନେତା ଦେଇ ଲୋକଙ୍କୁ ଭୁଆଁ ବୁଲାଇଲେ, ନିଜ ଫାଇଦା ନେଲେ ହେଲେ ପଲିଟିକାଲ ଇଛା ଶକ୍ତି କାହାର ରହିଲା ନାହିଁ ଶେଷରେ ଏୟାର ପୋର୍ଟ ଏଠାରେ ଚାଲିବା ଲାଗି ଯେଉଁ ଶେଷ ସୁଯୋଗଟି ଥିଲା ତାହା ଅକ୍ଟୋବର ୨୮ରେ ସରିଯିବା ସହ ରାଜ୍ୟ ସରକାରଙ୍କ ଟ୍ରାନ୍ସପୋର୍ଟ ସଚିବ ଉଷା ପାଢୀ ଏଥିଲାଗି ଯେଉଁ ଶେଷ ଅନୁରୋଧ ସେଲ କୁ କରିଥିଲେ ତାକୁ ସେଲ କର୍ତ୍ତୃପକ୍ଷ ଗ୍ରହଣ ନକରି ରାଉରକେଲାରେ ଏୟାର ପୋର୍ଟ ସ୍ୱପ୍ନ ଚାପ୍ ?ଟର କୁ କ୍ଲୋଜ କରିଦେଇଛନ୍ତି । ଏଥିସହ ଆଗାମୀ ଦିନରେ ରାଉରକେଲାର ଆଇଜିଏଚ କୁ ମଣିପାଲ ଗୃପ ନେଇ ଚଳାଇବା ଲାଗି ରାସ୍ତା ସୁଗମ ହେଉଥିବା ବେଳେ ଆଦାନୀ ଗୃପ ୨୦୨୮ ଶୁଦ୍ଧା ରାଉରକେଲା ଇସ୍ପାତ କାରଖାନା (ଆରଏସପି)କୁ ଚଳାଇବା ଲାଗି ସବୁ ପ୍ରକାର ରାସ୍ତା ସଫା ହୋଇ ୯ ମିଲିଅନ ଟନ ଆଧୁନୀକିକରଣ ଉପରେ ପ୍ରଶ୍ନ ଲଗାଇବା ସହ ରାଉରକେଲା ସହର ଆଗାମୀ ଦିନରେ ଏଇମାନଙ୍କ ହାତକୁ ଚାଲଯିବାର ରାସ୍ତା ସଫା ହେବାରେ ଲାଗିଛି ବୋଲି ଖବର ମିଳିଛି । ଅନୁସନ୍ଧାନରୁ ଜଣାପଡିଛି ଯେ, ରାଉରକେଲା ଏୟାର ପୋର୍ଟ ଯାହାକୁ ଗତ ହକି ସମୟରେ ଚଳଚଂଚଳ କରାଯାଇ ୩ ବର୍ଷ ଲାଗି ସେଲ କର୍ତ୍ତୃପକ୍ଷ, ଡିଜିସିଏ, ଏୟାର ଚଳାଚଳ କଂପାନୀ ଓ ରାଜ୍ୟ ସରକାରଙ୍କ ଭିତରେ ଏକ ରାଜିନାମା ହୋଇଥିଲା ଓ ଏଥିରେ ରାଉରକେଲାରେ ବିମାନ ସେବା ଦିଆଯିବା ନେଇ ଚୁକ୍ତି ହୋଇଥିଲା । ପରେ ୨ରୁ ଅଢେଇ ବର୍ଷ ଏଠାରେ ଘରୋଇ ବିମାନ ବିଭିନ୍ନ ସମୟରେ ଉଡିଲା, ଏହି ଏୟାରପୋର୍ଟ ଲାଗି ବାର୍ଷିକ ୧୨ କୋଟି ଟଙ୍କା ସେଲ ଖର୍ଚ୍ଚ କଲା, ରାଜ୍ୟ ସରକାର କିଛି ଅର୍ଥ ଖର୍ଚ୍ଚ କଲେ, ଏଠାରେ ୨ସି , ୪ସି ବିମାନ ସେବା ଲାଗି ଦାବି ଉଠିଲା। ସେପଟେ ଏୟାରପୋର୍ଟ ଭିତରେ ଆଦିବାସୀ ମାନଙ୍କର ଜାଗା ରହିଥିବା ନେଇ ସେମାନେ ସୁପ୍ରିମକୋର୍ଟ ମଧ ଗଲେ, ଶେଷରେ ହଠାତ ବିମାନ କଂପାନୀ ମନା କରିଦେଲା ଆଉ ଏଠାରୁ ବିମାନ ଚଳାଇବା ସମ୍ଭବ ନୁହେଁ କାରଣ ତା’ର ଆଉ ବିମାନ ନାହିଁ । ଏହା ଭିତରେ ୨/ ୪ ମାସ ବିତିଗଲା, କିଛି ଅନୁଷ୍ଠାନ ଆନ୍ଦୋଳନ କଲେ, ଦାବି କଲେ ଏୟାର ସୁବିଧା ପୁଣି ଦିଆଯାଉ, ତା’ ଭିତରେ ଅକ୍ଟୋବର ୨୮, ୨୦୨୫ ରେ ୩ ବର୍ଷ ତଳେ ହୋଇଥିବା ରାଜିନାମାର ତାରିଖ ସମୟ ସୀମା ସରିଗଲା । ଫଳରେ ବିମାନ ସେବା ଦେବାକୁ ଥିବା କଂପାନୀ, ୧୨ କୋଟି ଖର୍ଚ୍ଚ କରୁଥିବା ସେଲ ଆଦି ଦୋଷ ମୁକ୍ତ ହୋଇ ବସି ପଡିଥିବା ବେଳେ ରାଜ୍ୟ ସରକାରଙ୍କ ପରିବହନ ସଚିବ ଉଷା ପାଢୀ ସେଲ କର୍ତ୍ତୃପକ୍ଷଙ୍କୁ ଏକ ପତ୍ର ଲେଖି ଏହି ରାଜିନାମାକୁ ରକ୍ଷା କରିବାକୁ ଅନୁରୋଧ କରିଥିଲେ, ହେଲେ ସେଲ କର୍ତ୍ତୃପକ୍ଷ ଏନେଇ ରାଜି ନହେବା ସହ କହିଥିଲେ ସରକାର ବରଂ ଏୟାରପୋର୍ଟକୁ ନେଇଯାଉ କିନ୍ତୁ ସେଲ ଆଉ ଏଭଳି ରାଜିନାମାକୁ ଯିବ ନାହିଁ । ଫଳରେ ଏୟାରପୋର୍ଟ ଲାଗି ସବୁ ପ୍ରକାର ସୁଯୋଗର ରାସ୍ତା ବନ୍ଦ ହୋଇଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସେପଟେ ଏଭଳି କାରବାର ଲାଗି ରାଉରକେଲା ବିଧାୟକଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ବିଧାୟକ ସାଂସଦ ହିଁ ମୁଖ୍ୟତଃ ଦାୟୀ ବୋଲି ଅଭିଯୋଗ ହେଉଥିବା ବେଳେ ଏହା ରାଉରକେଲା ପାଇଁ ଆରମ୍ଭ ମାତ୍ର, ଆଗାମୀ ଦିନରେ ଆଇଜିଏଚ ଓ ଆରଏସପି ମଧ ଅନ୍ୟ ହାତକୁ ଚାଲିଯିବ ବୋଲି ଖବର ମିଳିଛି । ଆଇଜିଏଚକୁ ୨୦୨୬ ସୁଦ୍ଧା ମଣିପାଲ ଗୃପ ନେବାକୁ ସବୁପ୍ରକାର ବ୍ୟବସ୍ଥା ଶେଷ ସୋପାନରେ ପହଁଚିଥିବା ବେଳେ ଆରଏସପିକୁ ୨୦୨୮ ସୁଦ୍ଧା ଆଦାନୀ ଗୃପ ନେବାକୁ ରାସ୍ତା ସଫା ହେବାରେ ଲାଗିଥିବା ଖବର ମିଳିଛି । ଏହି କାରବାର ଲାଗି ଲୋକେ ତଥା କଥିତ ଶ୍ରମିକ ସଂଗଠନ, ପଲିଟିକାଲ ଦଳଙ୍କୁ ଦାୟୀ କରୁଥିବା ବେଳେ ଏଯାଏ ଏନେଇ ଗୋଟିଏ ହେଲେ ଜନ ସ୍ୱାର୍ଥ ମାମଲା ନହେବା ସେଭଳି ଆଖିଦୃଶିଆ ଦୁର୍ବାର ଆନ୍ଦୋଳନ ନହେବା ଲୋକ ମାନଙ୍କ ସନ୍ଦେହକୁ ଅଧିକ ଦୃଢିଭୁତ କରିଛି । ତେଣୁ ଆମ ରାଉରକେଲା ଖୁବ ଶିଘ୍ର ହେବାକୁ ଯାଉଛି ଆଦାନୀ ଗୃପର ରାଉରକେଲା କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କୁହାଯାଉଛି ।

# ସାମାଜିକ ଜୀବନର ପର୍ବ ପ୍ରଥମାଷ୍ଟମୀ





ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଆମାନଙ୍କର ବାର ମାସରେ ତେର ପର୍ବ। ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ପ୍ରଥମାଷ୍ଟମୀ ପର୍ବ ପାଳନ ହୋଇଥାଏ । ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘାୟୁ ପାଇଁ କାମନା କରାଯାଇଥାଏ । ଓଡ଼ିଶାରେ ଏହି ପାରମ୍ପରିକ ପର୍ବ ସୌଭାଗିନି ଅଷ୍ଟମୀ, କାଳ ଭୈରବାଷ୍ଟମୀ ବା ପାପନାଶିନୀ ଅଷ୍ଟମୀ ଭାବେ ପାଳିତ ହୁଏ । ପୂର୍ବରୁ ମାର୍ଗଶୀର ମାସରୁ ବର୍ଷ ଆରମ୍ଭ ହେଉଥିଲା । ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି ଧରାଯାଇଛି ।

ଓଡ଼ିଆ ପରମ୍ପରା ଅନୁଯାୟୀ ମାମୁଁମାନେ ଜ୍ୟେଷ୍ଠ ସନ୍ତାନର 'ପଢୁଆଁ' କରିବାର ବିଧି ରହିଛି। ଜ୍ୟେଷ୍ଠ ସନ୍ତାନର ନୂତନ ବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ବିଶେଷ ବିଧିକୁ 'ପଢୁଆଁ' ହେବା କହିଥାନ୍ତି । ମାମୁଁ ଘରୁ ନୂଆ ଲୁଗା, ମିଠା ଓ ଅନ୍ୟାନ୍ୟ ସାମଗ୍ରୀ ଆସିଥାଏ । ସେଥିପାଇଁ ଶ୍ରଦ୍ଧା ଓ ପରିହାସ ଛଳରେ ମାମୁଁମାନଙ୍କୁ 'ଅଷ୍ଟମୀ ବନ୍ଧୁ' ବୋଲି କୁହାଯାଏ । କେତେକାଂଶରେ ମା'ମାନେ ଫୁଲ, ଚନ୍ଦନ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ନେଇ ବନ୍ଦାପନା କରିଥାନ୍ତି। ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନମାନେ ପ୍ରଥମେ ଷଠୀ ଦେବୀଙ୍କୁ ମୁଣ୍ଡିଆ ମାରିବା ସହ ମାତା ପିତା ଓ ଗୁରୁଜନମାନଙ୍କ ଆଶୀର୍ବାଦ ନେଇଥାନ୍ତି । ଜ୍ୟେଷ୍ଠ ସନ୍ତାନମାନଙ୍କ ଉପରେ ପରିବାରର ସକଳ ଦାୟିତ୍ୱ ରହିଥାଏ । ଏହି ବିଧିରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନିହିତ ଥିବାରୁ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରଥମାଷ୍ଟମୀ ପର୍ବ ପାଳନ କରାଯାଏ । ବିଶେଷ କରି ପ୍ରଥମାଷ୍ଟମୀର ବିଶେଷତ୍ୱ ହେଉଛି ଏଣ୍ଡୁରି ପିଠା । ଏଥିରେ ହଳଦୀ ପତ୍ରର ବ୍ୟବହାର ହୋଇଥାଏ । ତେଣୁ ଏଣ୍ଡୁରି ପିଠା ଅତ୍ୟନ୍ତ ସ୍ୱାଦିଷ୍ଟ , ରୁଚିକର ଓ ସୁବାସିତ ହୋଇଥାଏ । ଅନ୍ୟ କୌଣସି ପର୍ବରେ ସେଭଳି ହଳଦୀ ପତ୍ର ବ୍ୟବହାର ହୋଇନଥାଏ । ଓଡ଼ିଶାର ପୁରପଲ୍ଲୀରେ ପ୍ରଥମାଷ୍ଟମୀ ସହ କାଞ୍ଜିଅଁଳା ଓଷା ମଧ୍ୟ ପାଳନ ହୋଇଥାଏ ।ମାଆମାନେ ଘରର ସନ୍ତାନମାନଙ୍କ ମଙ୍ଗଳକାମନା ପାଇଁ ଷଠୀ ଦେବୀଙ୍କ ପାଖରେ ଶୁଭମନାସୀଥାନ୍ତି ।

ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ । ଲିଙ୍ଗରାଜ ମହାପ୍ରଭୁ ଏହିଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠ (ଲିଙ୍ଗରାଜ ମନ୍ଦିର ସଂଲଗ୍ନ)କୁ ପଢୁଆଁ ହେବା ପାଇଁ ଯାଇଥାନ୍ତି । ଏହିମଠର ଆରାଧ୍ୟ ଦେବତା 'ବରୁଣେଶ୍ୱର' ଓ 'ବନଦେବ' । ଏ ଦୁହେଁ ଲିଙ୍ଗରାଜଙ୍କର ମାମୁଁ-ମାଇଁ ରୂପେ ଜନଶ୍ରୁତି ରହିଛି । ଏହି ମଠ ହତାରେ ଗୋଟିଏ ପୁଷ୍କରିଣୀ ରହିଛି । ତାହା ପାପନାଶିନୀ ରୂପେ ଲୋକ ବିଶ୍ୱାସ ରହିଛି । 'ପ୍ରଥମାଷ୍ଟମୀ ଦିନ ସେହି ପୁଷ୍କରିଣୀର ଯେକେହି ଜଳ ପାନକଲେ ତା'ର ସକଳ ପାପକ୍ଷୟ ହୁଏ । ଏପରିକି ବନ୍ଧ୍ୟାନାରୀ ସନ୍ତାନବତୀ ହୁଏ ବୋଲି ପ୍ରବାଦ ଅଛି ।

ପ୍ରଥମାଷ୍ଟମୀର ଅନ୍ୟ ନାମ 'ସୌଭାଗିନୀ ଅଷ୍ଟମୀ' । ପୂର୍ବେ ଏହିଦିନ ସୌଭାଗିନୀ ଦେବୀଙ୍କର ପୂଜା ସମ୍ଭବତଃ ପ୍ରଚଳିତ ଥିଲା । କୃଷକ ସନ୍ତାନ ଲାଭ କରିଛି ଓ ଶସ୍ୟ ମଧ୍ୟ ପାଇଛି କିମ୍ବା ଶସ୍ୟ ରୂପକ ସନ୍ତାନ ମଧ୍ୟ ସେ ଲାଭ କରିଛି- ଏହା ଅତ୍ୟନ୍ତ ସୌଭାଗ୍ୟର କଥା । କୃଷକର ମନ ଏଥିଲାଗି ଆନନ୍ଦିତ ଓ ଉଲ୍ଲସିତ। ସେ ଅତି ଆନନ୍ଦରେ ଏହି ତିଥିକୁ ସୌଭାଗିନୀ ଅଷ୍ଟମୀ ରୂପେ ପାଳି ଆସିଛି । ଏହି ପ୍ରଥମାଷ୍ଟମୀକୁ 'କାଳ ଭୈରବାଷ୍ଟମୀ' ମଧ୍ୟ କୁହାଯାଏ । ଏହିଦିନ କାଳ ଭୈରବଙ୍କର ବ୍ରତ ଓ ପୂଜାର ପ୍ରଚଳନ ଥିଲା । ଯଦିଓ ଏବେ ଏହିପୂଜା ଲୁପ୍ତପ୍ରାୟ । ସ୍କନ୍ଧ ପୁରାଣର କୋଶୀଖଣ୍ଡରେ ଉଲ୍ଲେଖ ଅଛି, ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଯେଉଁମାନେ କାଳଭୈରବୀଙ୍କ ନିକଟରେ ବ୍ରତ, ଉପବାସ ଓ ଜାଗରଣ ଆଦି ନିଷ୍ଠାର ସହିତ ସମ୍ପାଦନ କରନ୍ତି ସେମାନେ ସକଳ ପାପରୁ ମୁକ୍ତ ହୁଅନ୍ତି ।

ଅନ୍ୟପକ୍ଷରେ ତନ୍ତ୍ର ପରମ୍ପରାରେ ଉଲ୍ଲେଖ ରହିଛି ତନ୍ତ୍ରସାଧକମାନଙ୍କ ସାଧନା ପାଇଁ ଏହି ପ୍ରଥମାଷ୍ଟମୀର ରାତ୍ରି ବିଶେଷ ଗୁରୁତ୍ୱପୂର୍ଣ୍ଣ । ତାନ୍ତ୍ରିକ ଭାଷାରେ ଏହାର ନାମ 'ଘୋରରାତ୍ର' ଓ ନବଦୁର୍ଗାଙ୍କ ମଧ୍ୟରୁ କାଳରାତ୍ରି ଅନ୍ୟତମା । ଆଦ୍ୟାଶକ୍ତି କାଳରାତ୍ରି ରୂପେ ଏହିଦିନ ଅବତୀର୍ଣ୍ଣା ହୋଇଥିଲେ । ତନ୍ତ୍ର ସମ୍ବନ୍ଧୀୟ ବିଭିନ୍ନ ଶାସ୍ତ୍ରରେ ଏସବୁ ବିଷୟରେ ଉଲ୍ଲେଖ ଅଛି । ଅତୀତରେ ବହୁ ସ୍ଥାନରେ ଭୈରବ ଓ ଭୈରବୀଙ୍କୁ ପୂଜା କରାଯାଉଥିଲା ।

କେବଳ ଓଡ଼ିଶାର ଘରେ ଘରେ ନୁହେଁ ଶ୍ରୀମନ୍ଦିରରେ ମଧ୍ୟ ପ୍ରଥମାଷ୍ଟମୀ ପର୍ବ ପାରମ୍ପରିକ ରୀତି ଅନୁସାରେ ପାଳିତ ହୋଇଥାଏ । ଓଡ଼ିଆ ମାନଙ୍କର ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଆଦିଦେବ ବଡ଼ଠାକୁର । ବ୍ରହ୍ମାଣ୍ଡରେ ତାଙ୍କଠାରୁ ବଡ଼ କେହି ନାହିଁ । ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି, 'ତ୍ୱମାଦିଦେବଃ ପୁରୁଷ ପୁରାଣସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ' । (ଭ.ଗୀ- ୧୧/୩୮) ବିଶ୍ୱରେ ସବୁଠାରୁ ବଡ଼ ହିସାବରେ ପ୍ରଥମାଷ୍ଟମୀ ଦିନ ତାଙ୍କର ସ୍ୱତନ୍ତ୍ର ପୂଜାବିଧି ଶ୍ରୀମନ୍ଦିରରେ ପାଳିତ ହୋଇଥାଏ । ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପର୍ବ ମାର୍ଗଶିର କୃଷ୍ଣ ଉଦୟବ୍ୟାପିନୀ ଅଷ୍ଟମୀ ତିଥରେ ଅନୁଷ୍ଠିତ ହୋଇଥାଏ । ଏହି ଦିନର ବିବିଧାନ ସଂପର୍କରେ ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ବିସ୍ତୃତ୍ୱ ଭାବରେ ବର୍ଣ୍ଣିତ ହୋଇଛି । ପ୍ରଥମାଷ୍ଟମୀ ଦିନ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ସମ୍ପନ୍ନ ହୋଇଥାଏ ।

ଏହା ପରେ ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ନୂଆଲୁଗା ଲାଗି କରାନ୍ତି । ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ତିନି ବାଡ଼ିରେ ଚନ୍ଦନ ଲାଗି କରିଥାନ୍ତି। ଚନ୍ଦନଲାଗି ବଢ଼ିଲେ ଠାକୁରମାନଙ୍କୁ ବେଶ କରାଯାଏ । ଏହି ବେଶରେ ଛଅମୂର୍ତ୍ତି ସ୍ୱର୍ଣ୍ଣ ଅଳଂକାର ଲାଗି କରାଯାଏ । ଶ୍ରୀବିଗ୍ରହମାନଙ୍କଠାରେ କର୍ପୂର ଲାଗିକରି ପୁଷ୍ପାଳକମାନେ ସିଂହାସନରୁ ଓହ୍ଲାଇ ଆସିଲାପରେ ସୁଦୁସୁଆର ପୂଜା କରିବା ଉତ୍ତାରେ ତିନି ବାଡ଼ରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ବରୁଣପୂଜା କରିଥାନ୍ତି । ମଧ୍ୟାହ୍ନ ଧୂପ ଉଠିଲେ ତିନି ବାଡ଼ରେ ମଙ୍ଗଳାର୍ପଣ ବଢ଼ି ଫୁଲପରିଆ, ଖଦି ଓ ଛେଦା ପ୍ରସାଦ ଲାଗିସରି ବନ୍ଦାପନା କରାଯାଇଥାଏ । ଏହିଦିନ ସ୍ୱତନ୍ତ୍ରଭାବେ ଷାଠିଏ ପଉଟି ବ୍ୟଞ୍ଜନ ପ୍ରସ୍ତୁତ ମଧ୍ୟରେ ଏଣ୍ଡୁରୀ ପିଠା ସହିତ ନାଡ଼ୀ, ଧଉଳା, ଖଇରଚୂଳ, ସାନ ଆରିସା, ସରପୁଳି ପିଠା ଓ ଘିନାଡ଼ୀ, କାନ୍ତି କାକରା, ଗଜା, ବଡ଼ ଡ଼ାଳିମ୍ବ,ଓରିଆ, ମୁଗ, ଖିରୀ ଇତ୍ୟାଦି ମହାପ୍ରଭୁଙ୍କ ନିକଟରେ ଭୋଗ କରାଯାଇଥାଏ। ପ୍ରଥମାଷ୍ଟମୀ ପର୍ବଟି ମହାପ୍ରଭୁଙ୍କ 'ମାନବୀୟ ଲୀଳା'ର ଅନ୍ୟ ଏକ ଉଦାହରଣ । ପରିବାରର ଜ୍ୟେଷ୍ଠସନ୍ତାନ ପରି ସମଗ୍ର ବିଶ୍ୱର ଜ୍ୟେଷ୍ଠ ହିସାବରେ ବଡ଼ଠାକୁରଙ୍କୁ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ଦିନ ପଢୁଆଁ କରାଯିବା ନୀତିକୁ ଯେଉଁ ଭକ୍ତଗଣ ଚର୍ମଚକ୍ଷୁରେ ଦର୍ଶନ କରନ୍ତି, ସେମାନଙ୍କର ସମସ୍ତ ପାପତାପ ଖଣ୍ଡିତ ହୋଇ ବୈକୁଣ୍ଠପ୍ରାପ୍ତି ସୁଗମ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । 'ପଶ୍ୟେଦ୍ ବା ପରୟା ଭକ୍ତା ମୁକ୍ତ ସ୍ୟାତପାପବୃନ୍ଦତଃ। ଅନ୍ତେ ବିଷ୍ଣୁପୁରଂ ଗଚ୍ଛେତ୍ ସର୍ବଶର୍ମପ୍ରଦଂ ପରମ ।"

ଦେଖିବାକୁ ଗଲେ ବଡ଼ଭାଇ ତଥା ମହାପ୍ରଭୁ ବଳଭଦ୍ର ହେବେ ପୋଢୁଆଁ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ମାମୁ ଘର ଭାବେ ପରିଚିତ ନିଆଳିସ୍ଥିତ ମାଧବାନନ୍ଦ ମନ୍ଦିରରୁ ଶ୍ରୀମନ୍ଦିରକୁ ଆସିଛି ପୋଢୁଆଁ ଭାର। କିମ୍ବଦନ୍ତୀ ଅନୁସାରେ ନିଆଳିର ମାଧବ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ମାମୁ ଘର । ବହୁପୁରାତନ କାଳରେ ପ୍ରଥମାଷ୍ଟମୀରେ ମାମୁ ଘରୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରକୁ ଜଗା ବଳିଆ ପାଇଁ ପଢୁଆଁ ଭାର ନିଆଯାଉଥିଲା । ଯାହା କାଳକ୍ରମେ ବନ୍ଦ ହୋଇଯାଇଥିଲା । କିନ୍ତୁ ଏବେ ମାମୁ ଘର ନିଆଳିର ମାଧବାନନ୍ଦ ଟ୍ରଷ୍ଟ, ଯାଦବ ସଂଗଠନ ଓ ଭକ୍ତଗଣଙ୍କ ନିଷ୍ପତ୍ତି ଅନୁସାରେ ପୁନର୍ବାର ଏହି ପରମ୍ପରାକୁ ଉଜ୍ଜିବୀତ କରାଯାଇଛି । ତେଣୁ ନିଆଳି ମାଧବ ପୀଠରୁ ସଂକୀର୍ତ୍ତନ ମଣ୍ଡଳୀ ସହ ପୋଢୁଆଁ ଭାର ଶୋଭାଯାତ୍ରାରେ ନିଆଯାଇ ଶ୍ରୀମନ୍ଦିର ସେବାୟତଙ୍କୁ ପ୍ରଦାନ କରାଯାଇଥାଏ। ବିଶେଷ କରି ଏଥିରେ ମାଧବ ମନ୍ଦିର ଟ୍ରଷ୍ଟ, ନିଯୋଗ ଓ ସ୍ଥାନୀୟ ଅଞ୍ଚଳବାସୀ ବଳଭଦ୍ରଙ୍କ ପାଇଁ ୭ଖଣ୍ଡ ପାଟ, ୭ ଖଣ୍ଡ ଖଣ୍ଡୁଆ, ପିଠା, ଫଳମୂଳ ଭାର ପଠାଇଥାନ୍ତି ।

ବାସ୍ତବରେ ଉତ୍କଳର ପର୍ବପର୍ବାଣୀ 'ପ୍ରଥମାଷ୍ଟମୀ' ଆମ ସାମାଜିକ ଓ ସାଂସ୍କୃତିକ ଜୀବନର ମହନୀୟ ଐତିହ୍ୟର ସ୍ମାରକୀ । ଏଥିପାଇଁ ଓଡ଼ିଆମାନେ ଅନ୍ୟମାନଙ୍କ ଠାରୁ ଅଧିକ ହୁଏତ ରକ୍ଷଣଶୀଳ ହେଇପାରନ୍ତି, କିନ୍ତୁ ଏସବୁ ଦ୍ୱାରା ଓଡ଼ିଆ ମାନେ ବିଭବଶାଳୀ । ପ୍ରଥମାଷ୍ଟମୀ ପାଳନରେ କେବଳ ଘରର ଜ୍ୟେଷ୍ଠ ସନ୍ତାନ ନୁହେଁ, ତା'ର ଇଷ୍ଟ , ଜଗତର ବଡ଼ ଠାକୁର ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରି ପରମ ଶାନ୍ତି ଲାଭ କରେ । ଏହାହିଁ ତା'ର ସାମାଜିକ ଭାବଧାରା ଓ ବ୍ୟକ୍ତିଗତ ତଥା ଜାଗତିକ ଅଭିମାନର ପରିପ୍ରକାଶ..!!!

ଅଧକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାନଦୀ ବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ, କଟକ -୪ ,
ସଂପର୍କ: ୯୦୪୦୧୫୧୪୭୫

# ପ୍ରଥମାଷ୍ଟମୀ



ଡ଼ଃ.ଅରୁନ୍ଧତୀ ଦେବୀ

ବିଭିନ୍ନ ପର୍ବ ପର୍ବାଣୀ, ଓଷାବ୍ରତ ଯାନିଯାତ୍ରା ଓ ପୂଜାପାର୍ବଣର ରାଜ୍ୟ ଆମ ଓଡ଼ିଶା ଆମର ବାରମାସରେ ତେର ପର୍ବ, ଦୋଳ, ପଣା ସଂକ୍ରାନ୍ତି, ରଜ, ରଥଯାତ୍ରା, ଦଶହରା ଭଳି ବଡ଼ ବଡ଼ ପର୍ବ ବ୍ୟତୀତ ଆହୁରି ଛୋଟ ଛୋଟ ପର୍ବ ଓ ଉତ୍ସବ ଆମର ପାଳିତ ହୋଇଥାଏ । ଆମର ସମାଜ, ସଂସ୍କୃତି, ଆମର ବିଚାର, ଚଳଣିକୁ ଆଧାର କରି ଗଢ଼ା ହୋଇଛି ଏହିସବୁ ପର୍ବପର୍ବାଣି, ଓଷାବ୍ରତ ଇତ୍ୟାଦି । ପଣା ସଂକ୍ରାନ୍ତି, ରଜସଂକ୍ରାନ୍ତି, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି ଇତ୍ୟାଦି ବର୍ଷର କେତୋଟି ସଂକ୍ରାନ୍ତି ଯେଭଳି ଗୋଟିଏ ଗୋଟିଏ ପ୍ରଧାନ ପର୍ବ ସେହିପରି ବିଭିନ୍ନ ମାସର ଅଷ୍ଟମୀ ତିଥି ମଧ୍ୟ ବିଶିଷ୍ଟ ପର୍ବ ରୂପେ ପାଳିତ ହୋଇଥାଏ । ଜନ୍ମାଷ୍ଟମୀ, ରାଧାଷ୍ଟମୀ, ମହାଷ୍ଟମୀ ଭଳି ପ୍ରଥମାଷ୍ଟମୀ କୌଣସି ଦେବାଦେବୀଙ୍କର ଜନ୍ମତିଥି ନୁହେଁ । ଏହା ସ୍ୱତନ୍ତ୍ର ଭାବରେ ଏକ ସାମାଜିକ ଏବଂ ପରମ୍ପରା ପ୍ରଚଳିତ ପାରିବାରିକ ପର୍ବ । ପରିବାର ଶ୍ରଦ୍ଧା, ସ୍ନେହ ଓ ସଂହତି ରକ୍ଷା ନିମନ୍ତେ ଏହା ଏକ ଚମତ୍କାର ପରିକଳ୍ପନା । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷର ଅଷ୍ଟମୀତିଥି । ଏହିଦିନ ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ସାଧାରଣତଃ ଜ୍ୟେଷ୍ଠପୁତ୍ର ବା କନ୍ୟା ସ୍ନାନାନ୍ତେ ନବବସ୍ତ୍ର ପରିଧାନ କରନ୍ତି ଏବଂ ମା'ମାନେ ତାଙ୍କୁ ବନ୍ଦାପନା କରନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ଏହିଦିନ ଏପରି ଏକ ପିଠା ହୁଏ, ଯାହାକି ଅନ୍ୟ ଦିନମାନଙ୍କରେ ବା ଅନ୍ୟ ପର୍ବରେ କେବେ ହୁଏ ନାହିଁ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ରାଜ୍ୟରେ ଯେଭଳି ପୋଡ଼ପିଠା, ଅନନ୍ତବ୍ରତ ଦିନ ଲଡୁ କାକରା, ବଡ଼ଓଷାରେ ମଣ୍ଡାପିଠା, ଚିତାଲାଗି ଅମାବାସ୍ୟାରେ ଚିତଉପିଠା, ମକର ସଂକ୍ରାନ୍ତିରେ ମକରଚାଉଳ, ଧନୁ ସଂକ୍ରାନ୍ତିରେ ଧନୁ ମୁଆଁ, ବିଷୁବ ସଂକ୍ରାନ୍ତିରେ ଛେନାପଣା, ଶାମ୍ବଦାମୀରେ ବୁଢ଼ା ଚକୁଳି ଇତ୍ୟାଦି ଓଡ଼ିଆ ଘରର ବିଶେଷତ୍ୱ, ସେହିଭଳି ପ୍ରଥମାଷ୍ଟମୀର ବିଶେଷତ୍ୱ ହେଉଚି, ଏଣ୍ଡୁରୀପିଠା, ଛେନା, ଗୁଡ଼ ଓ ନଡ଼ିଆପୁର ଏବଂ ଉଆପକ୍ଷିଆ ଚାଉଳ ଓ ବିରିରେ ଏହା ପ୍ରସ୍ତୁତ ହୋଇଥାଏ । ଏହି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହାର ହୁଏନାହିଁ । କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରୀପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ। ତେଣୁ ଏହି ପିଠା ଅତ୍ୟନ୍ତ ସୁସ୍ୱାଦୁ, ରୁଚିକର ଓ ସୁବାସ ହୋଇଥାଏ । ଗୋଟିଏ ହାଣ୍ଡିର ମୁହଁରେ କନା ବାନ୍ଧି ସେହି ହାଣ୍ଡିକୁ ଚୁଲି ଉପରେ ରଖାଯାଏ । ଏହାକୁ ଅଥାର ହାଣ୍ଡି କହନ୍ତି । ଏହି ଅଥାରହାଣ୍ଡି ଉପରେ ହଳଦୀପତ୍ରରେ ପୁରମିଶା ଆଣ ଲଦି ହାଣ୍ଡି ଉପରେ ପଲମ ବା ଘୋଡ଼ଣି ଢ଼ାଙ୍କି ଦିଆଯାଏ । କିଛି ସମୟ ପରେ ପିଠା ସିଝିଗଲେ, ତାକୁ କାଢ଼ି ଅଣାଯାଏ ଏବଂ ଏହା ଏହିଁ ଏଣ୍ଡୁରୀପିଠା । ମାର୍ଗଶୀର ମାସରେ ଏହି ପ୍ରଥମାଷ୍ଟମୀ ପର୍ବ ପଡ଼େ । ଏହି ମାର୍ଗଶୀର ମାସକୁ ବର୍ଷର ଆଦ୍ୟ ମାସ ବା ପ୍ରଥମ ମାସ ବୋଲି ଗଣନା କରାଯାଇଥାଏ । ଅତୀତରେ, ଏହି ମାସରୁ ବର୍ଷାରମ୍ଭ ହେଉଥିଲା । ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଇଅଛି । ପରିବାରର ଜ୍ୟେଷ୍ଠପୁତ୍ର ବା ଜ୍ୟେଷ୍ଠା କନ୍ୟାର ନବବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି । ପଢୁଆଁ ଶବ୍ଦଟି ପ୍ରଥମର ଅପଭ୍ରଂଶ । ସାଧାରଣତଃ ପଢୁଆଁ କରିବା ଦାୟିତ୍ୱ ମାମୁଁଙ୍କର । ଏହି ଦିନ ମାମୁମାନେ ନୂଆଲୁଗା, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଭଣଜା ଭାଣିଜୀ ଘରକୁ ଯାଇ ପଢୁଆଁ କରନ୍ତି । ସେଥିପାଇଁ ମାମୁଁଙ୍କୁ ଶ୍ରଦ୍ଧା ଓ ପରିହାସରେ ଅଷ୍ଟମୀ ବନ୍ଧୁ ବୋଲି କୁହାଯାଇଥାଏ । ଏହି ବିଧିରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନିହିତ ରହିଛି । ଜ୍ୟେଷ୍ଠ ପୁତ୍ର, ପରିବାରରେ ପିତା ସମାନ । ପିତାଙ୍କ ଅନ୍ତେ ଘର ଚଳାଇବା ଓ ଅନ୍ୟ ସନ୍ତାନମାନଙ୍କୁ ପ୍ରତିପୋଷଣ କରିବା ଦାୟିତ୍ୱ ଜ୍ୟେଷ୍ଠ ପୁତ୍ର ଉପରେ ପଡ଼ିଥାଏ । ତେଣୁ ତାକୁ ସମସ୍ତେ ସମ୍ମାନ ଜଣାଇବା ପାଇଁ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଥମ ସନ୍ତାନକୁ ପୂଜା ବନ୍ଦାପନା କରିବାର ବିଧି ଆମ ସମାଜରେ ପ୍ରଚଳିତ ।





ପ୍ରଥମାଷ୍ଟମୀର ଅନ୍ୟ ଏକ ବୈଶିଷ୍ଟ୍ୟ ରହିଛି । ଓଡ଼ିଶାରେ ଏହି ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ । ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ଯାନ୍ତି ପଢୁଆଁ ହେବା ପାଇଁ । ଏହି ମଠର ଆରାଧ୍ୟ ଦେବତା ବରୁଣେଶ୍ୱର ଓ ବନଦେବୀ ଏ ଦୁହେଁ ଲିଙ୍ଗରାଜଙ୍କର ମାମୁଁ, ମାଇଁ ରୂପେ ବିଖ୍ୟାତ । ପ୍ରଥମାଷ୍ଟମୀ ପର୍ବଟି ଓଡ଼ିଶାର ଘରେ ଘରେ ଧନୀ ଦରିଦ୍ର ନିର୍ବିଶେଷରେ ପାଳିତ ହୋଇଥାଏ । ଏହା ସମ୍ପୂର୍ଣ୍ଣ ଭାବେ ଏକ ଓଡ଼ିଆ ପର୍ବ । ଓଡ଼ିଶାର ପ୍ରଥମାଷ୍ଟମୀ ପର୍ବଭଳି ଅନ୍ୟ କେଉଁଠି ଅନୁରୂପ ପର୍ବ ନାହିଁ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦

# ପ୍ରଥମାଷ୍ଟମୀ



ବିକ୍ରମ ମହାପାତ୍ର

ପ୍ରଥମାଷ୍ଟମୀ ବା ପଢୁଆଷ୍ଟମୀ ଓଡ଼ିଶାର ଏକ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶିର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଏହି ଦିନ ବଂଶର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠ ପୁତ୍ର/ପୁତ୍ରୀଙ୍କର ନବବସ୍ତ୍ର ପରିଧାନ, ବନ୍ଦାପନା ଆଦି ହୁଏ । ଏହା ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରା ଦିବସ । ଏହି ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପୂଜାବିଧି ଅନୁଷ୍ଠିତ ହୋଇଥାଏ । ମା'ମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ମାର୍ଗଶୀର ମାସକୁ କେତେକ ଗଣନାକାର ଏବଂ ଐତିହାସିକ ବର୍ଷର ପ୍ରଥମ ମାସ ଭାବେ ଗ୍ରହଣ କରୁଥିବାରୁ ଏହି ମାର୍ଗଶୀର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଏ । ସବୁ ମାସ ଭିତରେ ମାର୍ଗଶୀର ଶ୍ରେଷ୍ଠ ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣ - 'ମାର୍ଗଶୀର୍ଷୋହହମ ଋତୁନାଂ କୁସୁମାକରଃ'। ଶ୍ରୀମଦ୍ ଭାଗବତ ଗୀତାରେ ଉଲ୍ଲେଖ ରହିଛି - 'ସମ୍ବତ୍ସରୋହସ୍ମ୍ୟ ନିମିଷ୍ୟ ମୃତୂଳାଂ ମଧୁମାଧବୈ, ମାସନାଂ ମାର୍ଗଶିର୍ଷୋହହଂ ନକ୍ଷତ୍ରାଣାଂତ୍ୱଭିଜିତ୍ ।' ଅର୍ଥାତ୍ ନିମେଷ ରହିତମାନଙ୍କର ମୁଁ ସମ୍ବତ୍ସର, ଋତୁମାନଙ୍କର ମୁଁ ମଧୁମାଧବ, ମାସାମାଙ୍କର ମାର୍ଗଶୀର ଓ ନକ୍ଷତ୍ରମାନଙ୍କର ଅଭିଜିତ୍ ।

ଜ୍ୟେଷ୍ଠ ପୁତ୍ର କିମ୍ବା କନ୍ୟାଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ମା'ମାନେ ବନ୍ଦାପନା କରିଥାନ୍ତି । ନବବସ୍ତ୍ର ପରିଧାନ ଓ ବନ୍ଦାପନାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି । ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ବସ୍ତ୍ର ମାମୁଁ ଘରୁ ଆସିଥାଏ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀ ପତ୍ର ବ୍ୟବହାର କରାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ପଢୁଆଁ ହୋଇଥିବା ସନ୍ତାନକୁ ଖାଇବାକୁ ଦିଆଯାଏ । ମନ୍ଦିର ମାଳିନୀ ନଗରୀ ଭୁବନେଶ୍ୱରରେ ବିରାଜିତ ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ଓଡ଼ିଆ ମାଟି, ପାଣି, ପବନରେ ସବୁଠି ସବୁକ୍ଷେତ୍ରରେ ପ୍ରଥମ ପ୍ରଥା ସମାଜର ପଥପଦର୍ଶକ ତଥା ଦିଗଦର୍ଶକ ମାନଙ୍କୁ ସମ୍ମାନ ଓ ପୂଜ୍ୟପୂଜାର ମର୍ଯ୍ୟାଦା ଦିଆଯାଇଥାଏ । ପରିବାରର ପ୍ରଥମ ଅର୍ଥାତ ଜ୍ୟେଷ୍ଠ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଅନ୍ୟତମ ଏହାର ଭାବାର୍ଥ । ତେବେ ଯାହାହେଉନା କାହିଁକି ପ୍ରଥମାଷ୍ଟମୀରେ ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶ୍ରୀବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀରେ ମୂଳଭିତ୍ତି ।



+'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର
ମାର୍ଗ, ଚଣ୍ଡୀଛକ, କଟକ

## ପ୍ରଥମାଷ୍ଟମୀ ଶାଢ଼ିଟେ ପିନ୍ଧିଛି

ନୂତନ କୁମାର ବେହେରା

ଏ ଓଡିଶା ମାଟିର ଆରାଧ୍ୟ ଦିଅଁ
ଶ୍ରୀଜଗନ୍ନାଥ ସୁଭଦ୍ରା ବଳଭଦ୍ର,
ତାଙ୍କୁ ନେଇ ଗଢା ଓଡ଼ିଆ ସଂସ୍କୃତି
ପାଳୁଛନ୍ତି ବ୍ରାହ୍ମଣଙ୍କଠାରୁ ଶୂଦ୍ର।

ବାର ମାସେ ହୁଏ ତେର ଯାନିଯାତ୍ରା
ପ୍ରତି ଘରେ କରନ୍ତି ପୂଜା ଅର୍ଚ୍ଚନା,
ମମତାମୟୀ ମାଆ ଶୁଭ ମନାସି
କରେ ସଭିଙ୍କର କୁଶଳ କାମନା।

ମାର୍ଗଶିର ମାସରେ ପ୍ରଥମାଷ୍ଟମୀ
ହୁଅଇ ପ୍ରଥମ ସନ୍ତାନର ପାଇଁ,
ପିତାମାତା ଆଶିଷ ଦିଅନ୍ତି ଢାଳି
ଶରଧାରେ ମସ୍ତକ ତାହାର ଛୁଇଁ।

ଚଲାପଥୁ ହଟିଯାଉ ଯେତେ କଣ୍ଟା
ପୁଷ୍ପିତ ହେଉ ତାର ଜୀବନ ବୃକ୍ଷ,
ଯଶ କୀର୍ତ୍ତି ମାନ ଅରଜି ସଂସାରେ
ପ୍ରତି କର୍ମେ ହେଉ ସେ ନିପୁଣ ଦକ୍ଷ।
ମାମୁଁଘର ନବ ବସ୍ତ୍ର ପରିଧାନେ
ହସି ଖାଇ ସୁମଧୁର ଏଣ୍ଡୁରି ପିଠା,
ପଢୁଆଁ ଭଣଜା ଭାଣିଜୀ ସଭିଏଁ
କରିଥାନ୍ତି ନିଜ ନିଜ ମୁହଁ ମିଠା।

ବଳଦେବ ଜୀଉ ପ୍ରଥମ ନନ୍ଦନ
ପ୍ରଥମାଷ୍ଟମୀ ପାଳନେ ଅଗ୍ରଗଣ୍ୟ,
ଶ୍ରୀକ୍ଷେତ୍ର ଆନନ୍ଦେ ଉଠଇ ଉଲ୍ଲସି,
ଧର୍ମ ଧାରଣାରେ ମିଳିଥାଏ ପୁଣ୍ୟ।

ଏ ପ୍ରଥମାଷ୍ଟମୀ ପାଳନେ ପଢୁଆଁ
ପାଇଥାଏ ବିଶେଷ ସ୍ନେହ ମମତା,
କୁଳର ପ୍ରଥମ ସନ୍ତାନ ରୂପେ ସେ
ବଡ଼ ହୋଇ ପାଏ ସ୍ୱତନ୍ତ୍ର ମାନ୍ୟତା।

ବଡ଼ ସନ୍ତାନର ଆଦର ପାଇ ସେ
ଅନୁଜଙ୍କ ପ୍ରତି ରଖିଥାଏ ଶ୍ରଦ୍ଧା,
ଜୀବନ ତମାମ ତାଙ୍କ ହିତେ ରହି
ଯୋଗାଉଥାଏ ତାଙ୍କୁ ସୁଖ ସୁବିଧା।

ସଂସ୍କୃତି ମଧ୍ୟରେ ସଭ୍ୟତା ନିହିତ
ଜୀବନ ଗଠନେ ଦିଅଇ ପ୍ରେରଣା,
ଦାୟିତ୍ୱ କର୍ତ୍ତବ୍ୟେ ସତ୍ୟନିଷ୍ଠ ହେବା
ମାନବର ଅଟଇ ଲକ୍ଷ୍ୟ ଠିକଣା।

କୋହି,ବାରିପଦ,ମୟୂରଭଞ୍ଜ,
ଦୂରଭାଷ -- ୮୦୧୮୩୫୩୩୨୨

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତର ଶକ୍ତି ସୁରକ୍ଷା ଓ ଜଳ ସୁରକ୍ଷା ପ୍ରସଙ୍ଗ

ଭାରତର ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ସମୟ ଚାଲିଛି, ଯେଉଁଠାରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ, ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୮୦ ବିଲିୟନ ଡଲାର (ପ୍ରାୟ ୬.୬୪ ଲକ୍ଷ କୋଟି ଟଙ୍କା) ର ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବାକୁ ଭାରତ ଯୋଜନା କରୁଛି। ଏହା ଦେଶର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। କିନ୍ତୁ ଏହି ବିରାଟ ଯୋଜନା ଏକ ଅଦୃଶ୍ୟ ସଙ୍କଟର ସମ୍ମୁଖୀନ ହେଉଛି, ଯାହା ହେଉଛି ଜଳର ଅଭାବ। ଏହି ପରିସ୍ଥିତି ଭାରତ ପାଇଁ ଏକ ଅଦ୍ଭୁତ **"Catch-22"** ପରିସ୍ଥିତି ସୃଷ୍ଟି କରିଛି। ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୧୭% ରୁ ୧୮% ଭାରତରେ ବାସ କରୁଥିବାବେଳେ, ଏହା ନିକଟରେ ବିଶ୍ୱର ମୋଟ ଜଳ ସମ୍ବଳର ମାତ୍ର ୪% ରହିଛି। ଏହି ବିରାଟ ଅସନ୍ତୁଳନ ଦେଶର ଜଳ ସୁରକ୍ଷା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପ୍ରତି ବ୍ୟକ୍ତି ପିଛା ଜଳ ଉପଲବ୍ଧତା ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଜଳ-ସଙ୍କଟଗ୍ରସ୍ତ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୦୧ରେ ଭାରତରେ ପ୍ରତି ବ୍ୟକ୍ତି ପିଛା ବାର୍ଷିକ ଜଳ ଉପଲବ୍ଧତା ୧୮୧୬ ଘନ ମିଟର ଥିବାବେଳେ, ୨୦୧୧ ସୁଦ୍ଧା ଏହା ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ୨୦୨୧ ସୁଦ୍ଧା ଏହା ପ୍ରାୟ ୧୪୮୬ ଘନ ମିଟରକୁ ଖସିଆସିଛି। ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ୨୦୩୧ ସୁଦ୍ଧା ଏହା ୧୩୬୭ ଘନ ମିଟର ଏବଂ ୨୦୫୦ ସୁଦ୍ଧା ୧୧୯୧ ଘନ ମିଟରକୁ ଖସିଯିବାର ଆଶଙ୍କା ରହିଛି। ୧୭୦୦ ଘନ ମିଟରରୁ କମ୍ ବାର୍ଷିକ ପ୍ରତି ବ୍ୟକ୍ତି ଜଳ ଉପଲବ୍ଧତାକୁ ଜଳ-ଚାପଗ୍ରସ୍ତ **(water-stressed)** ପରିସ୍ଥିତି ଭାବରେ ବିବେଚନା କରାଯାଏ, ଏବଂ ୧୦୦୦ ଘନ ମିଟରରୁ କମ୍ ହେଲେ ଏହା ଜଳ ଅଭାବ **(water-scarce)** ପରିସ୍ଥିତିକୁ ସୂଚାଏ। ଭାରତ ଏବେ ଜଳ-ଚାପଗ୍ରସ୍ତ ଶ୍ରେଣୀରେ ଥିବାବେଳେ, ଭବିଷ୍ୟତରେ ଜଳ ଅଭାବର ସୀମା ନିକଟତର ହେବାର ସମ୍ଭାବନା ରହିଛି।

ଅନେକ ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଏପରି ଅଞ୍ଚଳରେ ସ୍ଥାପିତ ହେବାକୁ ଯାଉଛି, ଯେଉଁଠାରେ ଜଳ ସଙ୍କଟ ପୂର୍ବରୁ ହିଁ ଅତ୍ୟନ୍ତ ଗମ୍ଭୀର ରହିଛି। ଏହି ପରିସ୍ଥିତି ଭାରତର ଶକ୍ତି ସୁରକ୍ଷା ଏବଂ ଜଳ ସୁରକ୍ଷା ମଧ୍ୟରେ ଏକ ଜଟିଳ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ କରନ୍ତି, ବିଶେଷ କରି ଶୀତଳୀକରଣ ପ୍ରକ୍ରିୟା ପାଇଁ। ଗତ କିଛି ବର୍ଷ ମଧ୍ୟରେ, ଜଳ ଅଭାବ ଯୋଗୁଁ ଭାରତରେ ୬୦.୩୩ ବିଲିୟନ ୟୁନିଟ୍ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ହରାଇଛି, ଯାହା ପ୍ରାୟ ୧୯ ଦିନର କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ସହିତ ସମାନ। ଯେତେବେଳେ ନୂତନ ପ୍ରକଳ୍ପଗୁଡ଼ିକ ଜଳ-ସଙ୍କଟଗ୍ରସ୍ତ ଅଞ୍ଚଳରେ ସ୍ଥାପିତ ହୁଏ, ସେତେବେଳେ ସେମାନେ ସ୍ଥାନୀୟ କୃଷି ଏବଂ ପାନୀୟ ଜଳ ଆବଶ୍ୟକତା ସହିତ ପ୍ରତିଯୋଗିତା କରନ୍ତି, ଯାହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରେ। ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାର ଉଦାହରଣ ଏହାର ଏକ ଜ୍ୱଳନ୍ତ ପ୍ରମାଣ, ଯେଉଁଠାରେ ୨୦୧୭ରେ ଏକ କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଆହୁରି ବଢ଼ିଯାଇଛି।

ଏହି ପରିସ୍ଥିତି ଭାରତର ବିକାଶ ମଡେଲ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରୁଛି। ଗୋଟିଏ ପଟେ, ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ଶକ୍ତିର ଆବଶ୍ୟକତା ରହିଛି। ଅନ୍ୟ ପଟେ, ଜଳ ଏକ ସୀମିତ ସମ୍ବଳ ଏବଂ ଏହାର ଅବିବେକୀ ବ୍ୟବହାର ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ଥିବାବେଳେ, କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶକୁ ଏକ ଅସୁରକ୍ଷିତ ଭବିଷ୍ୟତ ଆଡ଼କୁ ଠେଲି ଦେଇପାରେ। ଏହି ସମସ୍ୟାର ସମାଧାନ ପାଇଁ କେବଳ ନୂତନ କୋଇଲା ପ୍ରକଳ୍ପଗୁଡ଼ିକର ସ୍ଥାନ ନିର୍ଦ୍ଧାରଣରେ ପରିବର୍ତ୍ତନ ଆଣିବା ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ରଣନୀତିର ଆବଶ୍ୟକତା ରହିଛି।

କୋଇଲା ଶକ୍ତି ଭାରତର ଭବିଷ୍ୟତ ହେବା ଉଚିତ୍ ନୁହେଁ, ଏହାର ଅନେକ କାରଣ ରହିଛି। ପ୍ରଥମତଃ, କୋଇଲା ଜାଳିବା ଦ୍ୱାରା ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍) ନିର୍ଗତ ହୁଏ, ଯାହା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଏହା ବ୍ୟତୀତ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୂକ୍ଷ୍ମ କଣିକା ପରି ବିଷାକ୍ତ ପ୍ରଦୂଷକ ବାୟୁରେ ମିଶିଥାଏ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ଏହି ପ୍ରଦୂଷଣ ଶ୍ୱାସକ୍ରିୟା ଜନିତ ରୋଗ, ହୃଦରୋଗ ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ, ଯାହା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପକାଏ। ଦ୍ୱିତୀୟତଃ, କୋଇଲା ଏକ ସୀମିତ ସମ୍ବଳ। ଏହାର ଉତ୍ତୋଳନ ପାଇଁ ବ୍ୟାପକ ଖଣି କାର୍ଯ୍ୟକଳାପ ଆବଶ୍ୟକ, ଯାହା ଜଙ୍ଗଲ ନଷ୍ଟ, ଭୂମି ଅବକ୍ଷୟ ଏବଂ ଜଳ ପ୍ରଦୂଷଣ ପରି ପରିବେଶଗତ କ୍ଷତି ଘଟାଏ। ଏହି ପ୍ରକ୍ରିୟା ସ୍ଥାନୀୟ ଜନସାଧାରଣଙ୍କୁ ବିସ୍ଥାପିତ କରିବା ସହିତ ସେମାନଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଏ। ତୃତୀୟତଃ, ବିଶ୍ୱ ସ୍ତରରେ ଅକ୍ଷୟ ଶକ୍ତିର ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ସୌର ଶକ୍ତି ଏବଂ ପବନ ଶକ୍ତି ବର୍ତ୍ତମାନ କୋଇଲା ଭିତ୍ତିକ ବିଦ୍ୟୁତ୍ ଠାରୁ ଅଧିକ ପ୍ରତିଯୋଗିତାମୂଳକ ହୋଇପାରିଛି। ଏହି ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକ ପରିବେଶ ଅନୁକୂଳ ହେବା ସହିତ ଦୀର୍ଘକାଳୀନ ସ୍ଥାୟୀ ଏବଂ ଜଳ ଉପରେ କମ୍ ନିର୍ଭରଶୀଳ। ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ। ଚତୁର୍ଥତଃ, ଭାରତ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିବଦ୍ଧତା କରିଛି, ଯେପରିକି ପ୍ୟାରିସ୍ ଚୁକ୍ତି ଏବଂ ନେଟ୍-ଜିରୋ ନିର୍ଗମନ ଲକ୍ଷ୍ୟ। କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ବୃଦ୍ଧି ଏହି ପ୍ରତିବଦ୍ଧତାଗୁଡ଼ିକର ବିରୁଦ୍ଧାଚରଣ କରେ ଏବଂ ଭାରତର ଅନ୍ତର୍ଜାତୀୟ ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହେଉଥିଲେ ମଧ୍ୟ, ଏହାର କୁପ୍ରଭାବ କିଛି ଦେଶ ଉପରେ ଅଧିକ ପଡ଼ିଥାଏ, ଏବଂ ଭାରତ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଭାରତର ଭୌଗୋଳିକ ଅବସ୍ଥିତି, ବିଶାଳ ଜନସଂଖ୍ୟା ଏବଂ କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତା ଏହାକୁ ଜଳବାୟୁ ପରିବର୍ତ୍ତନ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। ଉଦାହରଣ ସ୍ୱରୂପ, ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ଯୋଗୁଁ ବିପଦରେ ଥିବାବେଳେ, ଉତ୍ତର ଭାରତର ଗଙ୍ଗା ସମତଳ ଅଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅତ୍ୟଧିକ ବର୍ଷା, ବନ୍ୟା ଏବଂ ଭୂସ୍ଖଳନର ସମ୍ମୁଖୀନ ହେଉଛନ୍ତି। ରାଜସ୍ଥାନ ଏବଂ ଗୁଜୁରାଟ ପରି ଶୁଷ୍କ ଅଞ୍ଚଳରେ ମରୁଡ଼ି ଏବଂ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି। ଭାରତରେ ବାରମ୍ବାର ଅନୁଭୂତ ହେଉଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅନିୟମିତ ମୌସୁମୀ ଏବଂ ଅତ୍ୟଧିକ ବର୍ଷା ଜନିତ ବନ୍ୟା ପରି ଘଟଣାଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରମାଣ। ଏହି ଘଟଣାଗୁଡ଼ିକ କୃଷି ଉତ୍ପାଦନକୁ ବାଧା ଦେଇ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି, ଜୀବିକା ନଷ୍ଟ କରୁଛି ଏବଂ ସ୍ୱାସ୍ଥ୍ୟ ସମସ୍ୟା ବଢ଼ାଉଛି। ଏହି କାରଣରୁ, ଭାରତ ପାଇଁ ଜଳବାୟୁ ପରିବର୍ତ୍ତନକୁ ଅନ୍ୟ ଦେଶମାନଙ୍କ ତୁଳନାରେ ଅଧିକ ସକ୍ରିୟ ଭାବରେ ଚିନ୍ତା କରିବା ଏବଂ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ। ଏହା କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ଦେଶର ଅର୍ଥନୈତିକ ସ୍ଥିରତା, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଅପରିହାର୍ଯ୍ୟ।

ଏହି ସଙ୍କଟରୁ ବାହାରିବା ପାଇଁ ଭାରତକୁ ନିଜର ଶକ୍ତି ନୀତିରେ ଏକ ସନ୍ତୁଳିତ ଦୃଷ୍ଟିକୋଣ ଆପଣାଇବାକୁ ପଡ଼ିବ। ଅକ୍ଷୟ ଶକ୍ତି ଉତ୍ସ, ଯେପରିକି ସୌର ଏବଂ ପବନ ଶକ୍ତି, ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ଜଳ-ଦକ୍ଷ ବିଦ୍ୟୁତ୍ ଉତ୍ପାଦନ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ପୁରୁଣା କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ଆଧୁନିକୀକରଣ ଏବଂ ଜଳ ବ୍ୟବହାରକୁ କମ୍ କରିବା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଆପଣାଇବା ମଧ୍ୟ ସହାୟକ ହେବ। ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସହଯୋଗ ଏହି ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳ ସମ୍ବଳର ସୁପରିଚାଳନା ଏବଂ ସ୍ଥାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଶକ୍ତି ପ୍ରକଳ୍ପଗୁଡ଼ିକର ଯୋଜନା କରିବା ଭବିଷ୍ୟତ ପାଇଁ ଏକ ସ୍ଥାୟୀ ମାର୍ଗ ପ୍ରସ୍ତୁତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ତୁରନ୍ତ ଧ୍ୟାନ ଦେବା ଏବଂ ଦୀର୍ଘକାଳୀନ ସମାଧାନ ପାଇଁ କାର୍ଯ୍ୟ କରିବା ଭାରତର ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ।

# ପ୍ରେମର ମୂଳେ ଏ ଜଗତ



ପ୍ର. ଗିରିଜା ଶଙ୍କର ଶର୍ମା

ପ୍ରେମ ଜୀବନର ଏକ ସୂକ୍ଷ୍ମ ଆନନ୍ଦମୟ ଅନୁଭୂତି, ଯାହା ବିନା ଏ ସଂସାର ମରୁଭୂମି ସଦୃଶ ରୁକ୍ଷ ତଥା ନୀରସ ଲାଗନ୍ତା । ପ୍ରେମ ଜୀବନକୁ ରସସିକ୍ତ ତଥା ଅମୃତମୟ କରିଥାଏ । ପ୍ରେମ ମାଧ୍ୟମରେ ଆତ୍ମାର ପରିପ୍ରକାଶ ହୁଏ । ଈଶ୍ୱର ପ୍ରେମର ମହାସାଗର ହେଲେ ବ୍ୟକ୍ତି ସେ ସାଗରର ବିନ୍ଦୁଟିଏ ମାତ୍ର । ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କପ୍ରେମ ସାଗରରେ ଲୀନ ହୋଇଯିବା ପାଇଁ ସଧ ମତେ ଚେଷ୍ଟା କରନ୍ତି । ଭକ୍ତିପୂତ ହୃଦୟ ଈଶ୍ୱରଙ୍କ ଠାରେ ସମାହିତ ହୁଏ ।

ପ୍ରେମ ଜଡ ଓ ଚୈତନ୍ୟ ମଧ୍ୟରେ ଅନ୍ତଃ ସଂପର୍କ, ପ୍ରେମ ଚେତନାର ବିସ୍ତାର ସ ଅନନ୍ତର ଦ୍ୟୋତକ । ପ୍ରେମ ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି । ପ୍ରେମ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ମଧୁର ସଂପର୍କ ବୋଲି ଆତ୍ମୀୟତାର ସଂକୀର୍ଣ୍ଣ ପରିସରର ବହୁଉର୍ଦ୍ଧ୍ୱରେ । ବ୍ୟକ୍ତି, ସମାଜ, ରାଷ୍ଟ୍ର ଏବଂ ସମଗ୍ର ବିଶ୍ୱ ପ୍ରେମର ରଜ୍ଜୁରେ ବନ୍ଧା ହୋଇ ଏକୀଭୂତ ଓ ସଂରକ୍ଷିତ ହୋଇ ରହିଛି । ପ୍ରେମ ପାରସ୍ପରିକ ସୌହାର୍ଦ୍ଦ୍ୟ ରକ୍ଷା କରି ତିକ୍ତତା ଦୂର କରେ । ଫଳରେ ମୈତ୍ରି ଭାବ ଜାଗରିତ ହୁଏ ଓ ବିସ୍ତାର ଲାଭ କରିବାର ସୁଯୋଗ ସୃଷ୍ଟି ହୁଏ । ପ୍ରେମ ଭାବ ରହିବ । ଫଳରେ ଅନ୍ୟକୁ ସମ୍ମାନ ଦେବା, ଭଲ ପାଇବା, ସହଜରେ ଗ୍ରହଣ କରିବା, ନିଜର ଓ ପର ମଧ୍ୟରେ ବେଶି ପାର୍ଥକ୍ୟ ନକରିବା ଇତ୍ୟାଦି ସଂଭବ ହୁଏ । ପ୍ରେମ ସଦାବେଳେ ନିଃସର୍ତ୍ତ ଏବଂ ଅନ୍ୟର ଉପକାର ଚିନ୍ତା କରିବାର ଭାବନା ଏହା ସ୍ୱାର୍ଥପରତା ଓ ସଂକିର୍ଣ୍ଣତାର ଉର୍ଦ୍ଧ୍ୱରେ ।

ପ୍ରେମର ଅନେକ ସ୍ୱରୂପ ଅଛି । ଭଗବତ୍ ପ୍ରେମ ଭଗବାନଙ୍କ ସହିତ ଏକାତ୍ମ ହେବାର ଭାବକୁ ବୁଝାଏ । ପ୍ରକୃତି ପ୍ରେମ । ଇତର ଜୀବଜନ୍ତୁଙ୍କ ପ୍ରତି ପ୍ରେମ, ମଣିଷ ମଧ୍ୟରେ ପ୍ରେମ ଇତ୍ୟାଦି ପ୍ରେମର ବିଭିନ୍ନ ବିଭାଗ ଅଟେ । ଏହା ସତ୍ୟ ଯେ ବିନା ପ୍ରେମରେ ବା ଭଲ ପାଇବାରେ ଏ ସଂସାର କ୍ଷଣିକ ମାତ୍ର ତିଷ୍ଠିବ ନାହିଁ ।

ଭଗବତ୍ ପ୍ରେମ ମାନବ ଜୀବନରେ ଶାନ୍ତି ଓ ଏକାଗ୍ରତା ଆଣେ । ଏହା ଆମକୁ ସତ୍‌ପଥରେ ଚାଲିବା ପାଇଁ, କାହାର କିଛି ଅହିତ ନ କରିବା ପାଇଁ ପ୍ରେରିତ କରିଥାଏ । ଆମର ବିଶ୍ୱାସ ଅଛି ଯେ ଆମେ ଯାହା କରିଥାଉ ବା କରିବା ପାଇଁ ଚାହିଁ ଥାଉ, ସେ ସମସ୍ତ ଭଗବାନଙ୍କ ଜ୍ଞାତସାରକୁ ଆସେ । ପୃଥିବୀରେ ଏପରିକି ସ୍ଥାନ ନାହିଁ ଯେଉଁଠି ଭଗବାନଙ୍କ ଉପସ୍ଥିତି ନାହିଁ । ସେଥିପାଇଁ ତାଙ୍କୁ ସର୍ବବ୍ୟାପି ବୋଲାଯାଏ । ତାଙ୍କ ବିନା ଅନୁମତିରେ ଆମେ କୌଣସି କାର୍ଯ୍ୟ ସ୍ୱୟଂ କରି ପାରିବା ନାହିଁ । ଯାହା ଆମେ କରୁ ତାହା ସେ କରନ୍ତି ବା କରାନ୍ତି । ସେଥିପାଇଁ କୁହାଯାଏ - 'କରି କରାଉ ଥାଏ ମୁହିଁ, ମୋ ବିନା ଅନ୍ୟଗତି ନାହିଁ ।'

ସ୍ୱଭାବ କବି ଗଂଗାଧର ମେହେର ତାଙ୍କ କବିତାରେ ବିଶ୍ୱକୁ ମଧୁମୟ ବୋଲି ଲେଖି ଯାଇଛନ୍ତି । ବିଶ୍ୱ ପ୍ରେମମୟ ହୋଇନଥିଲେ ମଧୁମୟ ମଧ ହୋଇ ପାରନ୍ତା ନାହିଁ । ଟିକିଏ ଭଲ ଭାବେ ଚିନ୍ତା କଲେ ଆମେ ଜାଣି ପାରିବା ଯେ, ବିଶ୍ୱ ସେପରି ବ୍ୟକ୍ତିକୁ ମଧୁମୟ ଲାଗିବ ଯାହାର କୌଣସି ବ୍ୟକ୍ତି ସହିତ ଶତ୍ରୁତା ନଥିବ ଏବଂ ସେ ସମସ୍ତଙ୍କ ସହିତ ହସଖୁସିରେ କାଳାତିପାତ କରୁଥିବେ । ପରିବାରବର୍ଗ, ନିଜର ପାଖ ପଡ଼ୋଶୀ, ଚିହ୍ନା ଜଣା ଆଦି ସମସ୍ତଙ୍କ ସହିତ ହସଖୁସିରେ ସମୟ କଟୁଥିଲେ ବିଶ୍ୱ ମଧୁମୟ ଲାଗିବ, ମଧୁମୟ ଲାଗିବା ମୂଳରେ ପ୍ରେମ ହିଁ ନିଶ୍ଚିତ । ଆମେ ଜଣକୁ ଭଲ ପାଇଲେ, ସେ ମଧ ଆମକୁ ଭଲ ପାଇବେ, ଆମେ ଘୃଣା ବା ତାଚ୍ଛଲ୍ୟ କରୁଥିବା ବ୍ୟକ୍ତି ଆମଠୁ ଦୂରେଇ ଯିବେ ଏବଂ ଆମକୁ ଭଲ ପାଇବେ ନାହିଁ ।ଏ ସମସ୍ତ ବିଷୟକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ପ୍ରେମ ହିଁ ଏ ଦୁନିଆକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି । ସପ୍ତଦଶ ଶତାବ୍ଦୀର ରାଜନୈତିକ ତଥା ପ୍ରାବନ୍ଧିକ **Sir willam temple** ପ୍ରେମକୁ ଖୋଲାଖୋଲି ଭାବେ ଶ୍ରେଷ୍ଠ ଆନନ୍ଦ ବୋଲି ଅଭିହିତ କରିଛନ୍ତି । ତାଙ୍କ ଭାଷାରେ, **'The greatest pleasure of life in love.'** ସେହିପରି **Vietor hugo** କହିଛନ୍ତି, **Life is a flower of which love is its honey.'** ଦେହ ମନ ଓ ଆତ୍ମାର ସାନ୍ନିଧ ଓ ତହିଁରୁ ସ୍ଫୁରିତ ଆନନ୍ଦକୁ ପ୍ରେମ କୁହାଯାଇ ପାରିବ । ପ୍ରେମ ଦେହାତୀତ ମଧ ହୋଇପାରେ ଯେପରି ବିଭୁପ୍ରେମ । ସନ୍ଥ କବୀର ତାଙ୍କ ଦୋହାରେ ଲେଖି ଯାଇଛନ୍ତି ପାଠପଢ଼ି ପଢ଼ି ବିଦ୍ୱାନ ହେଲେ ମଧ ତାଙ୍କ ପଣ୍ଡିତ କହାଯାଇ ପାରିବ ନାହିଁ ଯଦି ସେ ପ୍ରେମ ପୂର୍ଣ୍ଣ ବ୍ୟବହାର ନ କରନ୍ତି । ପଣ୍ଡିତ ସେ ଯିଏ ପୃଥିବୀର ସମସ୍ତ ଜିନିଷ ଓ ପ୍ରାଣୀ ପ୍ରତି ପ୍ରେମ ପ୍ରେମଭାବାପର୍ଣ୍ଣ । ତାଙ୍କ ଦୋହାରେ,-

'ପୋଥି ପଢ଼ି ପଢ଼ି ଯୁଗ ମୁଆ, ପଣ୍ଡିତ ହୁଆ ନ କୋୟ

ଢାଇ ଅକ୍ଷର ପ୍ରେମ କା ପଢ଼େ, ସୋ ପଣ୍ଡିତ ହୋୟ'

ଏ ପଂକ୍ତି ବୁଝାଇ ଦିଏ ଦୁନିଆରେ ପ୍ରେମର ଗୁରୁତ୍ୱ କଣ,

ପ୍ରେମ ଭାବ ନଥିଲେ ପାରସ୍ପରିକ ବୁଝାମଣା ମଧ ଭଲ ଭାବରେ ହୋଇ ପାରନ୍ତା ନାହିଁ । ଫଳରେ ହିଂସା, ଦ୍ୱେଷ, ରାଗ, ପ୍ରତିଶୋଧ ପରାୟଣତା ଆଦି ପାଶବିକ ତତ୍ତ୍ୱ ସମାଜରେ ଛାଇ ଯାଆନ୍ତା । ବର୍ଷମାନ ଆମେ ଦେଖୁ ସମାଜରେ ଆତଙ୍କବାଦ, ଅପରାଧ, ଆଦି ହିଂସାତ୍ମକ କାର୍ଯ୍ୟକଳାପ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଧର୍ମ ନାମରେ ମଧ ବିଦ୍ୱେଷ ତାର ଚରମ ସୀମାରେ ଉପସ୍ଥିତ । ଆତଙ୍କବାଦୀ ମାନେ ଜନ ଗହଳି ଅଞ୍ଚଳରେ ବୋମା ଆଦି ବିଧ୍ୱଂସକ ଅସ୍ତ୍ର ପକାଇ ବ୍ୟାପକ ନର ସଂହାର କରୁଛନ୍ତି । ମୁମ୍ବାଇରେ ଆତଙ୍କବାଦୀମାନେ ବୋମାମାଡ଼ କରି ବ୍ୟାପକ ନର ସଂହାର କରିଥିବା କଥା ଏବେ ମଧ ଆମ ମନରୁ ସଂପୂର୍ଣ୍ଣ ରୂପେ ଲିଭି ଯାଇ ନାହିଁ ।

ବର୍ତ୍ତମାନ ବିଶ୍ୱର ଅନେକ ସ୍ଥାନରେ ଯୁଦ୍ଧର ଘନଘଟା ଲାଗି ରହିଛି । ରୁଷିଆ ୟୁକ୍ରେନ୍ ସହିତ ଦୀର୍ଘ ଦିନରୁ ଯୁଦ୍ଧରେ ଅଛି । ଅନେକ ଦେଶ ସିଧାସଳଖ ଯୁଦ୍ଧରେ ନହେଲେ ମଧ ବିଭିନ୍ନ ପ୍ରକାରର ସଂଘର୍ଷରେ ଜଡ଼ିତ ଅଛନ୍ତି । ମଣିଷ ମଣିଷ ମଧ୍ୟରେ ପ୍ରେମର ଅଭାବ ହେଲେ ତାର ପରିଣତି ସ୍ୱରୂପ ଯୁଦ୍ଧ ଓ ଆତଙ୍କବାଦର ସ୍ଥିତି ଉପୁଜେ ।

ଏହା ସୁସ୍ପଷ୍ଟ ଯେ ପ୍ରେମ ନଥିଲେ ମଣିଷ ସମାଜ ତିଷ୍ଠି ପାରିବ ନାହିଁ । ପ୍ରେମ ହିଁ ବିଶ୍ୱର ଅସ୍ତିତ୍ୱର ମୂଳଦୁଆ ।

ସଂବଲପୁର- ୭୬୮୦୦୬
ମୋ: ୮୯୧୭୪୯୪୦୯୫

# ଦଲାଇଲାମାଙ୍କ ପୁନର୍ଜନ୍ମକୁ ନେଇ କାହିଁକି ଭୟଭୀତ ଚୀନ ?



ଡ. ସମନ୍ୱୟ ନନ୍ଦ

ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ଓ ଜୀବନ୍ତ ବୁଦ୍ଧ ଭାବେ ସ୍ୱୀକାର କରାଯାଉଥିବା ଦଲାଇଲାମା ପୁଣି ଥରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦଲାଇଲାମା ସଂସ୍ଥା ସମାପ୍ତ ହେବ ନାହିଁ ଓ ତାଙ୍କର ପୁନର୍ଜନ୍ମ ନିଶ୍ଚିତ ଭାବରେ ହେବ । ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ଦଲାଇଲାମା ଏହା ବ୍ୟତୀତ ସେ ଚୀନ ଓ ନିଜର ଅନୁଯାୟୀ ମାନଙ୍କୁ ସ୍ପଷ୍ଟ ଭାଷାରେ ବାର୍ତ୍ତା ଦେଇଛନ୍ତି ଯେ ଆଗାମୀ ଦଲାଇଲାମା କିଏ ହେବ ତାହାର ନିଷ୍ପତି ଆଧ୍ୟାତ୍ମିକ ଭାବେ କରାଯିବ । ଶହ ଶହ ବର୍ଷର ତିବତୀୟ ପରମ୍ପରା ଅନୁସାରେ ତାଙ୍କର ପୁନର୍ଜନ୍ମ ହେବ ଓ ତାଙ୍କର ସହଯୋଗୀ ବିଶ୍ୱସ୍ତ ବୌଦ୍ଧ ଭିକ୍ଷୁ ମାନଙ୍କର ଏକ ସମୂହ ନିକଟରେ ତାଙ୍କର ଉତରାଧିକାରୀକୁ ଚିହ୍ନଟ କରିବା ନିମନ୍ତେ ସମ୍ପୂର୍ଣ ଅଧକାର ରହିବ । ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ ଯେଉଁଥିରେ ଏକ ଶିଶୁକୁ ଖୋଜା ଯାଏ ଯେଉଁଥିରେ ଦଲାଇଲାମାଙ୍କ ଆତ୍ମାର ପୁନର୍ଜନ୍ମ ହୋଇଥାଏ । ଦଲାଇଲାମା ଏହି ଅବସରରେ ନିଜର ଭିକ୍ଷୁ ମାନଙ୍କୁ କହିଛନ୍ତି ଏହି ବିଷୟରେ ହସ୍ତକ୍ଷେପ କରିବାର କାହାକୁ କୌଣସି ଅଧିକାର ନାହିଁ ।

ଦଲାଇଲାମାଙ୍କ ଏହି ଘୋଷଣା ବାସ୍ତବରେ କମ୍ୟୁନିଷ୍ଟ ଚୀନକୁ ଏକ ବଡ ବାର୍ତ୍ତା ବୋଲି ମନେ କରାଯାଉଛି । କାରଣ କମ୍ୟୁନିଷ୍ଟ ଚୀନ ସରକାରକୁ ସେ ସ୍ପଷ୍ଟ ଶବ୍ଦରେ ସୂଚାଇ ଦେଇଛନ୍ତି ଯେ ଦଲାଇଲାମା କେଉଁଠି ଜନ୍ମ ନେବେ ଓ ତାଙ୍କର ଚୟନ କରିବାର ଅଧିକାର କେବଳ ତାଙ୍କର ଓ ତାଙ୍କର ସହଯୋଗୀ ଭିକ୍ଷୁ ମାନଙ୍କର ରହିଛି । ଚୀନ ଏହା ପୂର୍ବରୁ ବାରମ୍ବାର କହି ଆସିଥିଲା ଯେ ଆଗାମୀ ଦଲାଇଲାମାଙ୍କୁ ଚୟନ କରିବାର ଅଧିକାର କେବଳ ଚୀନ ସରକାରଙ୍କ ନିକଟରେ ଅଛି ।

ଦଲାଇଲାମାଙ୍କ ବର୍ତମାନର ଏହି ଘୋଷଣାକୁ ମଧ ଚୀନ ସହଜରେ ଗ୍ରହଣ କରି ପାରି ନାହିଁ । କାରଣ ଚୀନ ଜାଣିଛି ଯେ ଏପରି ହେବା ଦ୍ୱାରା ଚୀନର ଲକ୍ଷ୍ୟ ସାଧିତ ହେବ ନାହିଁ । ତେଣୁ ଚୀନ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୌଣସି ପୁନର୍ଜନ୍ମକୁ ସେତେବେଳେ ମାନ୍ୟତା ପ୍ରଦାନ କରାଯିବ ଯେତେବେଳେ ଚୀନର କମ୍ୟୁନିଷ୍ଟ ସରକାର ତାକୁ ଅନୁମୋଦନ ଦେବ । ଚୀନର କମ୍ୟୁନିଷ୍ଟ ସରକାର କହିଛି ଯେ ୨୦୦୭ ମସିହାର ଆଇନ ଅନୁସାରେ ପୁନର୍ଜନ୍ମର ଅଧିକାର କେବଳ ଚୀନ ସରକାରଙ୍କ ଅଧୀନରେ ରହିଛି ।

ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭବିକ ଯେ ଦଲାଇଲାମା ଓ ତାଙ୍କର ପୁନର୍ଜନ୍ମକୁ ନେଇ ଚୀନ ଏତେ ଚିନ୍ତିତ କାହିଁକି ? ଦଲାଇଲାମା କେଉଁଠି ଜନ୍ମ ହେବେ, ସେ କାହା ଶରୀର ଧାରଣ କରି ପୁନର୍ଜନ୍ମ ନେବେ ଏହା ସହିତ କମ୍ୟୁନିଷ୍ଟ ଚୀନର କଣ ସମ୍ପର୍କ ରହିଛି ? ଚୀନର ଏହି ଚିନ୍ତା ପଛରେ ବଡ ରହସ୍ୟ ରହିଛି । ଯଦିଓ ଚୀନ ତିବ୍ବତକୁ ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି ବଳପୂର୍ବକ ଅଧିକାର କରି ରଖିଛି ଓ ତିବ୍ବତୀୟ ମାନଙ୍କ ସହ ସମସ୍ତ ପ୍ରକାର ପାଶବିକ ଅତ୍ୟାଚାର କରି ଆସୁଛି ତଥାପି ସେମାନଙ୍କ ମନରୁ ତିବ୍ବତୀୟ ରାଷ୍ଟ୍ରୀୟତା ବା ତିବ୍ବତୀୟତାର ଧାରଣାକୁ ଦୂର କରିବାରେ ସଫଳ ହୋଇ ନାହିଁ । ଏହାର କାରଣ ହେଲା ଦଲାଇଲାମା ହେଉଛନ୍ତି ତିବ୍ବତୀୟ ରାଷ୍ଟ୍ରୀୟତା ପ୍ରତୀକ । ଯଦିଓ ତିବ୍ବତର ଭୂମି ଚୀନର ଅଧିକାରରେ ଅଛି, ଦଲାଇଲାମା ଚୀନର ଅଧିକାରରେ ନାହାନ୍ତି । ତେଣୁ ତିବତର ଲୋକ ମାନେ ମନେ କରନ୍ତି ଯେ ପର୍ଯ୍ୟନ୍ତ ଦଲାଇଲାମା ସ୍ୱାଧୀନ ଅଛନ୍ତି ସେପର୍ଯ୍ୟନ୍ତ ତିବତର ରାଷ୍ଟ୍ରୀୟତା ବା ତିବତୀୟତା ପରାଧୀନ ହୋଇ ନାହିଁ। କମ୍ୟୁନିଷ୍ଟ ଚୀନ ଗତ ସାତ ଦଶନ୍ଧୀରୁ ଉର୍ଧ ସମୟ ଧରି ତିବ୍ବତର ସାଧାରଣ ଲୋକ ମାନଙ୍କ ମାନସପଟରୁ ତିବ୍ବତୀୟତାକୁ ସମାପ୍ତ କରିବାକୁ ଅନେକ ଷଡଯନ୍ତ୍ର କରି ଆସିଛି । ବୌଦ୍ଧ ମଠ ଗୁଡିକୁ ଚୀନର କମ୍ୟୁନିଷ୍ଟ ସରକାର ନଷ୍ଟ କରୁଛି। ବୌଦ୍ଧ ଭିକ୍ଷୁ ମାନଙ୍କୁ ସେମାନଙ୍କର ଉପାସନା କରିବାକୁ ଦେଉ ନାହିଁ । ମଠ ଗୁଡିକର ଅଧିକାରକୁ ସଂକୁଚିତ କରୁଛି । ତିବ୍ବତରେ ହାନ୍ ଜାତିର ଲୋକ ମାନଙ୍କୁ ବସବାସ କରାଇ ତିବ୍ବତୀୟ ଝିଅ ମାନଙ୍କ ସହ ଜୋର ଜବରଦସ୍ତି ବିବାହ କରାଇ ତିବ୍ବତୀୟ ମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚେଷ୍ଟା କରି ଆସୁଛି । ଯଦି କାହା ନିକଟରେ ଦଲାଇଲାମାଙ୍କ ଫଟୋ ଚୀନର କମ୍ୟୁନିଷ୍ଟ ସରକାର ପାଏ ତେବେ ତାକୁ ସଙ୍ଗେ ସଙ୍ଗେ ଜେଲର କାଳ କୋଠରୀରେ ପୂରାଇଥାଏ । ଦମନର ଏହି ପ୍ରକ୍ରିୟା ଅନବରତ ଚାଲି ଆସିଛି । ଏ ସବୁ ସତ୍ତ୍ୱେ ତିବତୀୟଙ୍କ ମନରେ ଦଲାଇଲାମାଙ୍କ ପ୍ରତି ଶ୍ରଦ୍ଧା ଅର୍ଥାତ ତିବ୍ବତୀୟତା ସମାପ୍ତ ହୋଇ ନାହିଁ। ଦଲାଇଲାମାଙ୍କ ତିବ୍ବତର ଲୋକ ମାନଙ୍କ ମାନସରେ ଏହି ପ୍ରଭାବ କାରଣରୁ କମ୍ୟୁନିଷ୍ଟ ଚୀନ ସର୍ବଦା କରୁଣା ଓ ପ୍ରେମର ଅବତାର ଦଲାଇଲାମାଙ୍କ ପ୍ରତି ଗାଳିଗୁଲଜର ଭାଷା ପ୍ରୟୋଗ କରି ଆସିଛି । କମ୍ୟୁନିଷ୍ଟ ଚୀନ ତାଙ୍କୁ ସାଧୁଙ୍କ ବସ୍ତ୍ରରେ ଜଣେ କୋକିଶିଆଳୀ ବୋଲି ବାରମ୍ବାର କହିଥାଏ । ଏଥିରୁ ଚୀନର ଦଲାଇଲାମାଙ୍କ ପ୍ରତି ଘୃଣା ସ୍ପଷ୍ଟ ହୋଇଥାଏ । ଦଲାଇଲାମା କେଉଁ ଦେଶକୁ ଗଲେ ସେହି ଦେଶ ଉପରେ ଚାପ ପ୍ରୟୋଗ କରି ତାଙ୍କର ଗସ୍ତକୁ ରଦ୍ଦ କରିବାକୁ ଚେଷ୍ଟା କରିଥାଏ ।

କମ୍ୟୁନିଷ୍ଟ ଚୀନ ଭଲ ଭାବେ ଜାଣିଛି ଯେ ଯେ ପର୍ଯ୍ୟନ୍ତ ପରମ ପାବନ ଦଲାଇଲାମା ଅଛନ୍ତି ସେ ପର୍ଯ୍ୟନ୍ତ ତିବ୍ବତ ଉପରେ ଅଧିକାର କଲେ ସୁଦ୍ଧା ତିବତୀୟତାକୁ ସମାପ୍ତ କରି ପାରିବ ନାହିଁ । ତେଣୁ ସେ ସମୟକୁ ଅପେକ୍ଷା କରିଛି । ଦଲାଇଲାମାଙ୍କ ବୟସ ଅଧିକ ହେବା କାରଣରୁ ତାଙ୍କର କେବେ ମୃତ୍ୟୁ ହେବ ତାକୁ ଚୀନର କମ୍ୟୁନିଷ୍ଟ ସରକାର ଅପେକ୍ଷା କରିଛି । କମ୍ୟୁନିଷ୍ଟ ଚୀନ ଜଗି ବସିଛି, କେବେ ଦଲାଇଲାମାଙ୍କ ମୃତ୍ୟୁ ହେବା ଓ କେବେ ସେ ତା ଆଡୁ ଜଣେ ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଉକ୍ତ ଶିଶୁ ମାଧ୍ୟମରେ ସେ ତିବ୍ବତର ରାଷ୍ଟ୍ରୀୟତାକୁ ସମାପ୍ତ କରି ଦେବ । ଦଲାଇଲାମା ମଧ ଚୀନର ଏହି ଷଡଯନ୍ତ୍ରକୁ ଭଲ ଭାବେ ବୁଝିଛନ୍ତି । ତେଣୁ ସେ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମ ପରାଧୀନ ଥିବା ଭୂମିରେ ହେବ ନାହିଁ । ସେ ପ୍ରକାରାନ୍ତରରେ ତିବତୀୟ ମାନଙ୍କୁ କହି ଆସିଛନ୍ତି ଯେ ଚୀନର ଅଧିକାରରେ ଥିବା ତିବତରେ ସେ ଜନ୍ମ ନେବେ ନାହିଁ । ଭାରତର ଅରୁଣାଚଳ ପ୍ରଦେଶର ତୱାଙ୍ଗ ଅଂଚଳରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି । ଏହା ପୂର୍ବରୁ ଜଣେ ଦଲାଇଲାମା ତୱାଙ୍ଗ ଅଂଚଳରୁ ହୋଇ ସାରିଛନ୍ତି । ତେଣୁ ଦଲାଇଲାମା ତିବତୀୟ ମାନଙ୍କୁ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚୀନ ଯେଉଁ ଶିଶୁକୁ ଦଲାଇଲାମା ବୋଲି ଘୋଷଣା କରିବ ତାକୁ ସେମାନେ ଦଲାଇଲାମା ବୋଲି ସ୍ୱୀକାର ନକରନ୍ତୁ । ସେ ତୱାଙ୍ଗ ଅଂଚଳରେ ଜନ୍ମ ନେବେ ଓ ତାଙ୍କର ବିଶ୍ୱସ୍ତ ଭିକ୍ଷୁ ମାନଙ୍କର ସମୂହ ସେହି ଶିଶୁକୁ ଚିହ୍ନିବେ । ତାଙ୍କୁ ହିଁ ସେମାନେ ଦଲାଇଲାମା ବୋଲି ସ୍ୱୀକାର କରନ୍ତୁ । ଦଲାଇଲାମାଙ୍କର ଏହି ବକ୍ତବ୍ୟ ଚୀନର ଦୀର୍ଘ ଦିନର ଆଶାକୁ ନିରାଶାରେ ପରିବର୍ତନ କରି ଦେଇଛି । ତେଣୁ ଚୀନର ସରକାରଙ୍କୁ ଦଲାଇଲାମାଙ୍କ ବକ୍ତବ୍ୟ ଉପରେ ବାଧ ହୋଇ ପ୍ରତିକ୍ରିୟା ଦେବାକୁ ପଡିଛି ଓ କହିବାକୁ ପଡିଛି ଯେ ଚୀନ ସରକାରଙ୍କ ଅନୁମୋଦନ ବିନା ଦଲାଇଲାମାଙ୍କ ପୁନର୍ଜନ୍ମକୁ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ।

ତେବେ ଦେଖିବାକୁ ଗଲେ ଚୀନ ବର୍ତମାନ ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଅନ୍ୟତମ । ସାମରିକ ଶକ୍ତି, ପରମାଣୁ ବୋମାଠାରୁ ଆରମ୍ଭ କରି ଟେକ୍ନୋଲଜୀ କ୍ଷେତ୍ର ହେଉ ବା ବାଣିଜ୍ୟ କ୍ଷେତ୍ର ହେଉ ଚୀନ ନିଜକୁ ମହାଶକ୍ତି ବୋଲି ପ୍ରଚାରିତ କରିଥାଏ । ହେଲେ ଏତେ ବଡ ମହାଶକ୍ତି ଚୀନ ଆଜି ଜଣେ ସାଧାରଣ ଭିକ୍ଷୁ ଦଲାଇଲାମାଙ୍କ ଆଗରେ ଭୟଭୀତ । ଏହି ସାଧାରଣ ବୌଦ୍ଧ ଭିକ୍ଷୁଙ୍କ ନିକଟରେ ନା ପରମାଣୁ ବୋମା ଅଛି, ନା ସେନା ବାହିନୀ ଅଛି ନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଅଛି ? ତଥାପି ଚୀନ ତାଙ୍କ ନିକଟରେ ଭୟଭୀତ ଓ ପ୍ରଭାବହୀନ । ଦଲାଇଲାମାଙ୍କ ମୃତ୍ୟୁକୁ ସେ ଅପେକ୍ଷା କରିଛି । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ନାସ୍ତିକବାଦୀ ବିଚାରଧାରା କମ୍ୟୁନିଜମରେ ବିଶ୍ୱାସ କରୁଥିବା କମ୍ୟୁନିଷ୍ଟ ଚୀନ ସରକାରକୁ ପୁନର୍ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର କରିବାକୁ ବାଧ ହେବାକୁ ପଡୁଛି ଓ ଦଲାଇଲାମାଙ୍କ ପୁନର୍ଜନ୍ମ କେଉଁଠାରେ ହେବ ସେ ନେଇ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରୁଛି । ଏହାଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ? ତେବେ ଏ ସମ୍ପର୍କରେ ନିର୍ବାସିତ ତିବ୍ବତ ସରକାରର ପ୍ରଧାନମନ୍ତ୍ରୀ ପେନପା ଛେରିଙ୍ଗଙ୍କ ବକ୍ତବ୍ୟକୁ ଉଲ୍ଲେଖ କରିବା ଜରୁରୀ ମନେ ହେଉଛି ଯେଉଁଥିରେ ସେ କହିଛନ୍ତି ଯେ, 'ଯଦି ଚୀନ ବାସ୍ତବରେ ପୁନର୍ଜନ୍ମରେ ବିଶ୍ୱାସ କରୁଛି ତେବେ ପ୍ରଥମେ ତାକୁ ମାଓ ସେ ତୁଙ୍ଗ ଙ୍କ ଭଳି ନିଜ ନେତା ମାନଙ୍କର ପୁନର୍ଜନ୍ମ ସମ୍ପର୍କରେ ଖୋଜିବା ଉଚିତ ହେବ ।




## ପ୍ରଥମାଷ୍ଟମୀ ଯେ ଆସେ



ଜୟନ୍ତ କୁମାର ମଲ୍ଲିକ୍

ମଗୁଶିର ମାସ ଅଷ୍ଟମ ତିଥିରେ
ପ୍ରଥମାଷ୍ଟମୀ ଯେ ଆସେ -
ତା' ପାଇଁ ପ୍ରତିଟି ଓଡ଼ିଆଙ୍କ ଘରେ
ଏଣ୍ଡୁରୀ ପିଠାଟି ବାସେ।
ପଢୁଆଁ ସନ୍ତାନ ମାନଙ୍କ ସମ୍ମାନ
ଅକ୍ଷୁର୍ଣ୍ଣ ରଖିବା ପାଇଁ -
ଭଣଜା ଭାଣିଜୀ ମାନଙ୍କ ଖୁସିରେ
ଯାଇଥାନ୍ତି ମାମୁ ଧାଇଁ।
ହଳଦୀ ପତରେ ପୁର ଦିଆଯାଇ
ଯେଉଁ ପିଠା କରାଯାଏ -
ଏଣ୍ଡୁରୀ ଭାବରେ ପ୍ରତି ଘରେ ଘରେ
ଆଦର ତା' ପାଇଥାଏ।
ମାମୁ ଆଣିଥିବା ନୂଆ ଲୁଗାପଟା
ଭିତରେ ତ ଖୁସି ଥାଏ -
ସଂପର୍କ ଭିତରେ ସୁମଧୁର ସୁର
ଏ ପରବେ ଭରିଯାଏ।
ସହର ତଳିର ବସ୍ତି ଭିତରକୁ
ଯିବା ଆସ ସାଙ୍ଗ ହୋଇ -
ଅନାଥ ପିଲାଙ୍କୁ ନୂଆ ପିନ୍ଧାଇକି
ଫେରିବା ଏଣ୍ଡୁରୀ ଖୋଇ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ପ୍ରଥମାଷ୍ଟମୀ

ଜଗଦୀଶ ସାହୁ



ମାସ ମାର୍ଗଶିର ଆକାଶୁ ଖସି
ପଡ଼େ କାକର
ପରବ ପାଳନ ହୁଅଇ ଘରେ
ଘରେ ଆମର ।

ଗେଣ୍ଡୁଫୁଲ ଖୋସି କାନରେ
କପାଳରେ ଚନ୍ଦନ
ପୋଢୁଆଁ ସନ୍ତାନ ପିନ୍ଧିବେ ମାମୁ
ଘର ବସନ ।

ଶରଧାରେ ମାଆ ଚାଉଳ ଦୁବ
ଫୁଲ ବନ୍ଦାଇ
ନୂଆ ଚାଉଳର ଚକୁଳି ପିଠା
ଦେବେ ଖୁଆଇ ।

ସୁଖ ଶାନ୍ତିର ସେ ଦିନଟି ଆସେ
ବରଷେ ଥରେ
ପ୍ରଥମାଷ୍ଟମୀ ତା' ନାମଟି ଦିନ
ବିତେ ଖୁସିରେ ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାଷନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

# ଦୁର୍ଭାଗ୍ୟ ଦୂର୍ କରିବ୍ କାକଟସ୍

ବାସ୍ତୁଶାସ୍ତ୍ର ଅନୁସାରେ କାକଟସ ଗଛ ଲଗାଇବା ପରିବାର ପାଇଁ ଖରାପ ହୋଇଥାଏ । ଏହି ଗଛ ଲଗାଇବା ଦ୍ୱାରା ସବୁ କାମରେ ବିଫଳ ହେବା ସହ ନିଜ ଭାଗ୍ୟ ମଧ୍ୟ ଆପଣଙ୍କ ହାତ ଛାଡ଼ି ଦେଇଥାଏ । କିନ୍ତୁ ଯଦି ଆପଣଙ୍କ ଘରଠାରୁ ୫୦ ମିଟର ଦୂରରେ ଦକ୍ଷିଣ ଓ ପଶ୍ଚିମ ଦିଗରେ ଏହି କାକଟସ ଗଛ ରହିଛି, ତେବେ ଏହା ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ଏହା ଆପଣଙ୍କ ଭାଗ୍ୟକୁ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୁଏ । ପଦୋନ୍ନତିରେ ଅସୁବିଧା ହେଉଥିଲେ:- ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଥିବା କାକଟସ ଗଛରେ









ପ୍ରତିଦିନ କ୍ଷୀର ଓ ପାଣି ଢ଼ାଳିବା ଦ୍ୱାରା ଆପଣଙ୍କ ପଦୋନ୍ନତିର ଉପୁଜୁଥିବା ଅସୁବିଧା ସମାପ୍ତ ହୋଇଥାଏ ।

ଟେନସନ ଦୂର କରେ:- ରାତିରେ ଶୋଇବା ପୂର୍ବରୁ ଏକ ତମ୍ବା ପାତ୍ରରେ ପାଣି ରଖି ତାକୁ ସକାଳେ ଉଠିବା ପରେ କାହାସହ କଥା ନ ହୋଇ ସେହି ପାଣିକୁ ନେଇ କାକଟସ ଗଛରେ ଢ଼ାଳି ଦିଅନ୍ତୁ । ଏହାଦ୍ୱାରା ଆପଣ ଦୁର୍ଭାଗ୍ୟ ଦୂର ହୋଇଥାଏ ।



# ସାବଧାନ ! ଭୋଜନ ପରେ ଖାଉଛନ୍ତି କି ଏହି ସବୁ ଜିନିଷ ?



ପ୍ରତ୍ୟହ ଏମିତି ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଆମ ଶରୀର ପାଇଁ ଉପଯୋଗୀ। ଅନୁପଯୁକ୍ତ ଖାଦ୍ୟ ବା ହଜମ ନ ହେବା ଖାଦ୍ୟ ଶରୀରରେ ଅନେକ ସମସ୍ୟା ଦେଖାଦେଇପାରେ। ସେଥିପାଇଁ ଖାଦ୍ୟ ଖାଇବା ଯେତିକି ଆବଶ୍ୟକ ହୋଇଥାଏ ଖାଦ୍ୟର ସଠିକ୍ ମାତ୍ରା ଗ୍ରହଣ କରିବା ମଧ୍ୟ ସେତିକି ଜରୁରୀ ହୋଇଥାଏ। ଖାଦ୍ୟ ଗ୍ରହଣ ନେଇ ସଚେତନ ହେବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆସନ୍ତୁ ଜାଣିବା ଖାଇବା ପୂର୍ବରୁ ଏବଂ ଖାଇବା ପରେ କଣ କଣ ସବୁ ଖାଦ୍ୟ ଗ୍ରହଣ କରିବା ଉଚିତ। ଖାଦ୍ୟ ସମ୍ବନ୍ଧରେ ଅନେକ ଲୋକଙ୍କର ଏକ ଅଭ୍ୟାସ ପ୍ରଣାଳୀ ରହିଛି, କିନ୍ତୁ ବର୍ତ୍ତମାନ ସେହି ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ଅଣଦେଖା କରିବାର ଉପଯୁକ୍ତ ସମୟ ଅଟେ। ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ: ବିଶେଷଜ୍ଞଙ୍କ କହିବା ମୁତାବକ ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ। କାରଣ ସେହି ସମୟରେ ରକ୍ତ ଖାଦ୍ୟକୁ ପାକସ୍ଥଳୀ ଚାରିପାଖରେ ରହି ହଜମ କରିବାରେ ସାହାଯ୍ୟ କରେ ଏବଂ ଯେତେବେଳେ ଆପଣ ଗାଧୋଇଥାନ୍ତି ଏହାଦ୍ୱାରା ଶରୀରର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଶରୀରକୁ ମୂଳ ତାପମାତ୍ରାକୁ ଫେରାଇ ଆଣିବା ପାଇଁ ରକ୍ତ ପେଟ ପାକସ୍ଥଳୀରୁ ଚର୍ମ ପୃଷ୍ଠକୁ ଚାଲିଆସିଥାଏ ଏବଂ ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ।ଞ୍ଜ ବ୍ୟାୟାମରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଜୋରଦାର ବ୍ୟାୟାମ ହଜମ ପ୍ରକ୍ରିୟାକୁ ବାଧା ଦେଇପାର। ଏହା ବାନ୍ତି, ପେଟ / ପେଟ ଯନ୍ତ୍ରଣା ଦେଇପାରେ ଭଳି ସମସ୍ୟା ସୃଷ୍ଟି କରିପାରେ। ଶୋଇବାଠାରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଶୋଇବାର ଇଚ୍ଛା ଏକ ସାଧାରଣ କଥା। ଏହା ହଜମକାରୀ ରସକୁ ବୃଦ୍ଧି କରାଇଥାଏ। ଯାହାଦ୍ୱାରା ହୃଦଘାତ ଭଳି ସମସ୍ୟା ଉପୁଜିପାରେ।ଞ୍ଜ ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ: ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ। ଏହା ହଜମ ପ୍ରକ୍ରିୟାକୁ ମନ୍ଥର କରିଥାଏ। ଅଧିକ ପାଣି ପିଇବା ଦ୍ୱାରା ପେଟରେ ଏସିଡ୍ ହ୍ରାସ ପାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଖରାପ କରିଥାଏ ।ଞ୍ଜ ଖାଇବା ପରେ ଫଳ ଖାଇବା ଠାରୁ ଦୂରେଇ ରୁହନ୍ତୁ: ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। କାରଣ ଏହା ଫଳରୁ ପୋଷକ ତତ୍ତ୍ୱର ଅବଶୋଷଣକୁ ହ୍ରାସ କରିପାରେ ।

# ଶିଶୁଙ୍କ ନିମୋନିଆ ରୋଗ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ସମ୍ପ୍ରତି ନିମୋନିଆ ରୋଗ ବା ଫୁସ୍‌ଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ । ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମଧ୍ୟ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, ଇନ୍‌ଫ୍ଲୁଏଞ୍ଜି, କ୍ଲେବସିଲା, ଇ.କୋଲି, ଷ୍ଟାଫାଇଲୋକୋକସ ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମାଧ୍ୟରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ତେବେ କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,*

*E-mail : drjyotiranjanchampatray123@gmail.com*

# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ଓ୍ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

# ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରଣ ରହେନାହିଁ । ଏହାକୁ ସିଆଟିକା ମଧ୍ୟ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍ପାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ୍ୟ ଷ୍ଟିଚ ଦରକାର ହୁଏନି । ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧ୍ୟରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିଟ୍ ମଧ୍ୟରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର





୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ ପଡ଼େ ଏବଂ ସାତଦିନ ମଧ୍ୟରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁଟ୍‌ଡ୍ରପ୍ ବୋଲି କହଂନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେରାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ୍ୟ ସଫା କରିହୁଏ । ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ ।

# ପ୍ରତିଦିନ ପିଅନ୍ତୁ ଧନିଆ ପାଣି: ଓଜନ ହ୍ରାସ ସହ କମିବ ଥାଇରଏଡ୍



ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା କେବଳ ଥାଇରଏଡ୍ ଲକ୍ଷଣ କମ୍ ହୁଏ ନାହିଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟର ସନ୍ତୁଳନ ମଧ୍ୟ ଠିକ୍ ରହିଥାଏ। ଧନିଆ ପାଣି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଫ୍ରି ରେଡିକାଲସ୍‌କୁ ହ୍ରାସ କରିବାରେ ସାହାଯ୍ୟ କରେ।

କେଶ ପାଇଁ ମଧ୍ୟ ଏହା ଉତ୍କୃଷ୍ଟ । ଏଥିରେ ଭିଟାମିନ୍ କେ, ସି ଏବଂ ଏ ଭରପୂର ମାତ୍ରାରେ ରହିଥାଏ। ଏହି ଭିଟାମିନ୍ କେଶକୁ ମଜଭୁତ କରିବା ସହ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା ଆପଣଙ୍କ କେଶ ଝଡିବା ଏବଂ ଛିଡିବା ଭଳି ସମସ୍ୟା କମ ହୋଇଥାଏ ।

ଥାଇରଏଡ ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ଏହା ରାମବାଣ ସଦୃଶ କାମ କରିଥାଏ ବୋଲି କୁହାଯାଏ। ରିପୋର୍ଟ ଅନୁଯାୟୀ ଥାଇରଏଡ୍ ରୋଗୀଙ୍କ ପାଇଁ ଧନିଆ ଜଳ ବେଶ୍ ଲାଭଦାୟକ ହୋଇଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ଧନିଆରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ସ ହ୍ରାସ କରିଥାଏ ଯାହା ଶରୀରର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ୫ ମିନିଟ୍ ଫୁଟାନ୍ତୁ। ପାଣି ଅଧା ହେବା ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ। ତା'ପରେ ଏହାକୁ ଛାଣି ପିଅନ୍ତୁ । ସାଧାରଣତଃ ଗର୍ଭବତୀ ମହିଳାମାନେ ଏହି ପାଣିକୁ କମ୍ ପିଇବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

# ବ୍ଲକସ୍ତରୀୟ ସାଂସଦ କ୍ରୀଡ଼ା ମହୋତ୍ସବ

ସମ୍ବଲପୁର,୧୧/୧୧ (ନି.ପ୍ର): ଆଜି ଭିଏସଏସ ଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଧନକଉଡ଼ା ବ୍ଲକ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇ ଶୁଭ ଉଦଘାଟନ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗିରୀଶ ପଟେଲ, ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ବ୍ଲକ ଉନ୍ନୟନ ଅଧିକାରୀ ଅନିଲ କୁଲ୍ଲୁ, ଓ ସୁଧୀର ବୋହିଦାର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମହୋତ୍ସବରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିଜ ବ୍ୟକ୍ତବରେ ତୃଣମୂଳ ସ୍ତରରୁ ଖେଳ ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ସୁବିଧା ଯୋଗାଇ କ୍ରୀଡା କ୍ଷେତ୍ରରେ ପ୍ରୋତ୍ସାହିତ କରିବାକୁ ଏହି କାର୍ଯ୍ୟକ୍ରମ ଲକ୍ଷ ରଖିଛି ବୋଲି କହିଥିଲେ। ଯାହା ମାଧ୍ୟମରେ ସେମାନେ ଭବିଷ୍ୟତରେ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଖେଳ କୁଶଳତା ଦେଖାଇ ପାରିବେ ବୋଲି ମଧ୍ୟ କହିଥିଲେ। ଏହି ପ୍ରତିଯୋଗୀତାରେ କୃତି ଛାତ୍ରୀଛାତ୍ରଙ୍କୁ ବ୍ଲକ୍ ସ୍ତରରୁ ରାଜ୍ୟସ୍ତରୀୟ ଖେଳିବା ପାଇଁ ସୁଯୋଗ ମିଳିବ ବୋଲି ସୂଚନା ଦେଇଥିଲେ। ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସମ୍ବଲପୁର ସାଂସଦୀୟ ଖେଳ ପ୍ରତିଯୋଗୀତାରେ ସମ୍ବଲପୁର ସାଂସଦ ଅଧୀନରେ ଯାଉଥିବା ସମସ୍ତ ବ୍ଲକରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ ବୋଲି ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଦୌଡ଼, କବାଡି, ଖୋ-ଖୋ, ସଟପୁଟ୍ ଥ୍ରୋ, ଡିସକସ ଥ୍ରୋ ପ୍ରତିଯୋଗୀତାରେ ଯୁବକ, ଯୁବତୀ, ଛାତ୍ର, ଛାତ୍ରୀ ଓ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀ ମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ ଆଜି ବାମରା ବ୍ଲକ୍ ରେ ମଧ୍ୟ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଭୁବନ ଥାନା ତରଫରୁ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ପାଳିତ

ଭୁବନ,୧୧/୧୧ (ନି.ପ୍ର): ଭୁବନ ଥାନା ତରଫରୁ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତି ପାଳିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଜନ ଶୁଣାଣି ପାଇଁ ବ୍ଲକକୁ ଆସିଥିବା ବେଳେ ବନ୍ଦେ ମାତରଂ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ହେଉଛି ଦେଶ ଭକ୍ତି, ସାହସ ଓ ଏକତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ । ବିଡ଼ିଓ ଆୟୁଶି ମହାପାତ୍ରଙ୍କ ସମେତ କାମାକ୍ଷା ନଗର ଉପକଣ୍ଠ ଆରକ୍ଷୀ ଅଧିକ୍ଷକ ରଜନୀ କାନ୍ତ ସାମଲ, ଭୁବନ ଥାନା ଭାରପ୍ରାପ୍ତ ଥାନାଧିକାରୀ ସୁବ୍ରତ କୁମାର ସାହୁ, ଦୀପକ ମର୍ଦ୍ଦରାଜ ଭୂୟାଁ, ମାନସ ନାୟକ, ଜ୍ୟୋତିର୍ମୟ ସିଂ ପ୍ରମୁଖ ଉପସ୍ଥିତ ରହି ବନ୍ଦେ ମାତରଂ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସ୍କୁଲ ଛାତ୍ର ଛାତ୍ରୀ ମାନେ ଯୋଗଦେଇ ବନ୍ଦେ ମାତରଂ ଗାନ କରିଥିଲେ।

# ଇଫ୍‌କୋ, ପାରାଦ୍ୱୀପ ଡିଏଭି ସ୍କୁଲରେ ବିଷୟ ଭିତ୍ତିକ ମେଳା 'ଇନୋଭିଷ୍ଟା' ଅନୁଷ୍ଠିତ



ପାରାଦୀପ, ୧୧/୧୧ (ନି.ପ୍ର): ଇଫକୋ ଡିଏଭି ପବ୍ଲିକ ସ୍କୁଲରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ବିଷୟ ଭିତ୍ତିକ ମେଳା 'ଇନୋଭିଷ୍ଟା' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଫକୋ ପାରାଦ୍ୱୀପର ମୁଖ୍ୟ ପି.କେ.ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଇଫକୋ, ପାରାଦ୍ୱୀପ ର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏଥିରେ ଡିଏଭି ପବ୍ଲିକ ସ୍କୁଲ, ଇଫକୋର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ସ୍ୱାଗତ ସମ୍ଭାଷଣ ପୂର୍ବକ ସମସ୍ତ ମାନ୍ୟଗଣ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଡିଏଭି ଇଫକୋର ଛାତ୍ରଛାତ୍ରୀମାନେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଇଂରାଜୀ, ଓଡିଆ, ହିନ୍ଦୀ,ସଂସ୍କୃତ, ଚିତ୍ରକଳା ଓ କମ୍ପ୍ୟୁଟର ଇତ୍ୟାଦି ବିଷୟରେ ୧୬୫ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏଥିରେ ବିଦ୍ୟାଳୟର ପ୍ରାୟ ୨୮୭ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର ବିଚାରପତି ମଣ୍ଡଳୀ ଭାବରେ ପାରାଦ୍ୱୀପ ଆଞ୍ଚଳିକ ବିଦ୍ୟାଳୟ ମାନଙ୍କର ପ୍ରାୟ ୨୦ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ତାଙ୍କର ବହୁମୂଲ୍ୟ ଆଶୀର୍ବଚନ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ପ୍ରତିଭାର ଅନେକ ପ୍ରଶଂସା କରିଥିଲେ ଏବଂ ବିଦ୍ୟାଳୟରେ ଏହିପରି ମେଳା ଛାତ୍ରଛାତ୍ରୀଙ୍କୁ ଶିଖିବାର ଅନେକ ସୁଯୋଗ ପ୍ରଦାନ କରିବା ସହିତ ତାଙ୍କର ଆନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହା ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ ଓ ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶୈକ୍ଷିକ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଏହି ସଫଳତା ପାଇଁ ଇଫକୋ ମୁଖ୍ୟ ପି.କେ.ମହାପାତ୍ର, ଓଡିଶା ଜୋନ୍ ଡି.ଏ.ଭି ସମୂହର ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ ଏବଂ ନିର୍ବାହିକା ଡ. ସୁଜାତା ସାହୁ ଡି.ଏ.ଭି ଇଫକୋ ପରିବାର ଓ ଛାତ୍ରଛାତ୍ରୀ ମାନଙ୍କୁ ଭୂୟସୀ ପ୍ରଶଂସା ଓ ଶୁଭେଚ୍ଛା ଜଣାଇଥିଲେ।

# ବଗଡ଼ା କୃଷି ସମବାୟ ସମିତିର ବୋର୍ଡ଼ ବୈଠକ

କେନ୍ଦ୍ରାପଡ଼ା,୧୧/୧୧ (ନି.ପ୍ର):– ବ୍ଲକ୍ ଅନ୍ତର୍ଗତ ବଗଡା ପ୍ରାଥମିକ କୃଷି ସମବାୟ ସମିତିର ପଂଚଦଶ ବୋର୍ଡ ବୈଠକ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ପୂର୍ବ ସଭାର ବିବରଣୀ ପାଠ କରିବା ପରେ ଏହାର ଦୃଢ଼ୀକରଣ କରାଯାଇଥିଲା। ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣର ସମୀକ୍ଷା କରାଯାଇ ଚଳିତ ମାସ ଶେଷ ସୁଦ୍ଧା ଡିପୋଜିଟ କାଉଂଟର ପୂର୍ଣ୍ଣାଙ୍ଗ ସହ ଏହାର ଉଦ୍ଘାଟନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଖରିଫ୍ ଧାନ ପଞ୍ଜିକରଣ, ମୁଗମଣ୍ଡି ତଥା ରାସାୟନିକ ସାର ବିକ୍ରୟର ସମୀକ୍ଷା, ଖରିଫ୍ ଋଣ ଆଦାୟ ଓ ରବି ଋଣ ଲଗାଣ, ନୂତନ ସଦସ୍ୟତା ଗ୍ରହଣ, ସମିତିର ଆୟ ବୃଦ୍ଧି ନିମନ୍ତେ ଏକ ଜନ ସେବା କେନ୍ଦ୍ର ଖୋଲାଯିବା ଉପାରେ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଥିଲା। ବ୍ୟୟ ବରାଦ ପରେ ବ୍ଲକ୍ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟ ଆକଳନ ସତ୍ୱେ ଅଦ୍ୟାବଧି ବ୍ଲକ୍ କର୍ତ୍ତୃପକ୍ଷ ବିପଦ ସଙ୍କୁଳ ଗୋଦାମ ଗୃହ ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରୁନଥିବାରୁ ବୈଠକରେ ସଦସ୍ୟମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତି ନିଆଯାଇଛି। ଆସନ୍ତା ନଭେମ୍ବର ୧୪ତାରିଖରେ ସମବାୟ ସପ୍ତାହ ପାଳନ ସଂକ୍ରାନ୍ତରେ ବିବିଧ ଆଲୋଚନା କରାଯାଇଥିଲା। ସମିତିର ନିର୍ଦ୍ଦେଶକ ସୁଜିତ୍ ବେହେରା, ପ୍ରତାପ ନାୟକ, ଧରଣୀଧର ପାତ୍ର, ବିଜୟ କେତନ ଜେନା, ଖଗେଶ୍ୱର ସ୍ୱାଇଁ, ମାନସ ରଂଜନ ପ୍ରଧାନ, ଜ୍ଞାନ ରଂଜନ ସାହୁ, ଜୟନ୍ତ ପରିଡ଼ା, ତପନ କୁମାର ନାୟକ, ସୁରେନ୍ଦ୍ର ମୋହନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇ ଥିଲେ। ଶେଷରେ ସହ ସମ୍ପାଦକ ଦୟାନିଧି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଡାଟା ଏଂଟ୍ରି ଅପରେଟର ସଂଘମିତ୍ରା ସ୍ୱାଇଁ ଓ କାର୍ଯ୍ୟାଳୟ ସହାୟକ ଅମିତାଭ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଗୁନିଆ ବ୍ଲକ ଶିମୋର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା,୧୧/୧୧ (ନି.ପ୍ର): ସୋମବାର ବେଗୁନିଆ ବ୍ଲକ ଶିମୋର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି । ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ କୁ ଅଧିକାରୀ ମାନେ ତ୍ୱରାନ୍ୱିତ କରି ନିଷ୍ପାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଞ୍ଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ , ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି , ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଣ୍ଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା , ରେଡ୍ କ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି । ସମସ୍ତ ଅଧିକାରୀ ମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା, ଆପତ୍ତି ଏବଂ ଅଭିଯୋଗ ଗୁଡ଼ିକର ସରକାର ଓ ପ୍ରଶାସନର ନୀୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଗୁରୁତ୍ୱାରୋପ କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୧୬୨ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତି ଗତ ୧୫୨ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୧୦ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୧୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ହରିଶ୍ଚନ୍ଦ୍ର ସହାୟତା ନିମନ୍ତେ ଭଗବାନ ସେଠୀ, ଶିମୋର ଙ୍କୁ ୫ ହଜାର ଟଙ୍କା ଏବଂ ଝୁନି ସେଠୀ, ଶିମୋର ଙ୍କୁ ୪ ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନା ସହାୟତା ପ୍ରଦାନ କରିଥିଲେ। ସେହିପରି ୩ ଜଣ ଦିବ୍ୟାଙ୍ଗ , ମାଧବ ସେଠୀ, ଶିମୋର ଗ୍ରାମ ପଂଚାୟତ,ଶରତ ଚନ୍ଦ୍ର ବେହେରା, ଶିମୋର ଗ୍ରାମ ପଂଚାୟତ ଏବଂ ଆଲୋକ ପ୍ରଧାନ, ଶିକୋ ଗ୍ରାମ ପଂଚାୟତ ଙ୍କୁ ହୁଇଲ ଚେୟାର ଜିଲ୍ଲାପାଳ ଶ୍ରୀ ଋତୁରାଜ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମିତ୍ତ ପ୍ରଦାନ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ,ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ , ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ , ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ ପ୍ରମୁଖ ଜନ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବେଗୁନିଆ ବ୍ଲକ ବି ଡି ଓ , ତହସିଲଦାର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଲାଞ୍ଜିଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଭବାନୀପାଟଣା,୧୧/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଆଜି ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୧୦୭ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ୮୧ ଗୋଟି ଓ ସାମୂହିକ ୨୪ ଗୋଟି ରହିଥିବା ବେଳେ ୧୮ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ସ୍ଥାନୀୟ ବ୍ଲକ ଅଧକ୍ଷ, ଉନ୍ନୟନ ଅଧିକାରୀ ଓ ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# 'ଆମ ଗାଁ ସାହିତ୍ୟ ପରିଷଦ'ର ଦଶମ ସ୍ୱନକ୍ଷତ୍ର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୧୧/୧୧ (ନି.ପ୍ର): ଆମ ଗାଁ ସାହିତ୍ୟ ପରିଷଦର ସ୍ୱ ନକ୍ଷତ୍ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନନ୍ଦ କିଶୋର ପରିଡ଼ା ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ଜାଳି ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ଼ ନୀଳମଣି ଲେଙ୍କା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା, ଅଧ୍ୟାପିକା ସରିତା ସାହୁ, ସମ୍ମାନନିୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଡ଼ ସର୍ବେଶ୍ୱର ସେଣ ଯୋଗ ଦେଇ ଥିଲେ ପରିଷଦର ମୁଖପତ୍ର 'ଆମ ଗାଁ ଆମ ସ୍ୱର' ଲୋକାର୍ପିତ ହୋଇଥିଲା। ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ରଚିତ 'ବିଚାର କରିବ ଉପର ବାଲର'ର ଶୁଭ ଉନ୍ମୋଚନ ହୋଇଥିବା। ବିଦ୍ୟାଳୟସ୍ତରରେ କରାଯାଇଥିବା ଓଡ଼ିଆ ଭାଷା ଭିତିକ ପ୍ରତିଯୋଗିତାରେ କୃତି ନଅ ଜଣ ପ୍ରତିଯୋଗୀ ଓ ତିନିଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସାହିତ୍ୟ କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହୋଇଥିବା ସର୍ବଶ୍ରୀ ସୁରେନ୍ଦ୍ର କୁମାର ବେହେରା, ଈଶ୍ୱର ଚନ୍ଦ୍ର ପୃଷ୍ଟି, ଶୈଳଜା ଶଙ୍କର ସାମଲ, ସାବିତ୍ରୀ ମହାରଣା, ଡ଼ ଚିତ୍ରସେନ୍ ସେଠୀ ପ୍ରମୁଖ ସାତ ଜଣ ଓ ପନ୍ଦର ଜଣ ମଂଚ କଳାକାରମାନଙ୍କୁ ମାନପତ୍ର, ଉପଢୋକନ୍ ଦିଆଯାଇ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ସଂପାଦକୀୟ ବିବରଣୀ ଓ କାର୍ଯ୍ୟକାରୀ ସଭାପତି ଟିଟି କାନ୍ତ ନାୟକ ସ୍ୱାଗତ ଭାଷାଣ ପ୍ରଦାନ କରିଥିଲେ। ଯୋଗ ଗୁରୁ ସଞ୍ଜୟ କୁମାର ମଥାନ ବେଦ ପାଠ ଓ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଅଧକ୍ଷ ଡ଼ ଚୈତନ୍ୟ ଚରଣ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନ ରେ ଉପସଭାପତି ସନ୍ତୋଷ କୁମାର ପୋଥାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଅତିଥି ଭାବେ କବି ଭରତ ଚରଣ ସାହୁ ନିରଞ୍ଜନ ମେକାପ, ନାରାୟଣ ପତି, ମେଜର ଭରତ କୁମାର ଜେନା ଯୋଗ ଦେଇଥିଲେ। କବି ନିକୁଞ୍ଜ ବିହାରୀ ପୃଷ୍ଟି, ଗୋଲାପ ରାଉତ, ଡ଼ ଅଭୟ କୁମାର ରାଉତ୍ ଙ୍କ ମିଳିତ ସଂଯୋଜନାରେ କବିତା ପାଠ କରିଥିବା ସମସ୍ତ ୪୦ ଜଣ କବି ମ।ନଙ୍କୁ ମାନପତ୍ର,ଓ ଉପଢ଼ୋକନ୍ ପ୍ରଦାନ କରାଯାଇ ଥିଲା।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସାଧାରଣ ପରିଷଦ ବୈଠକ ଓ ଦ୍ୱିବାର୍ଷିକ ନିର୍ବାଚନ

## ପ୍ରଶାନ୍ତ ବେହେରା ସଭାପତି, କାହ୍ନୁଚରଣ ଶତପଥୀ ସମ୍ପାଦକ

କନ୍ଧମାଳ,୧୧/୧୧ (ନି.ପ୍ର): ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସାଧାରଣ ପରିଷଦ ବୈଠକ ଓ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦୁଇ ବର୍ଷ ପାଇଁ ପୁଣି ସଭାପତି ଭାବେ ଶ୍ରୀ ପ୍ରଶାନ୍ତ କୁମାର ବେହେରା ଓ ମୁଖ୍ୟ ସମ୍ପାଦକ ଭାବେ ଡ.କାହ୍ନୁଚରଣ ଶତପଥୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଆଜି ଫୁଲବାଣୀ ସ୍ଥିତ ମା ନାରାୟଣୀ ଯାତ୍ରା କମିଟି କାର୍ଯ୍ୟାଳୟରେ ସଭାପତି ଶ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକ ରେ, ପ୍ରଥମେ ଦିବଙ୍ଗତ ସାରସ୍ୱତ ସାଧକ ମାନଙ୍କର ଅମର ଆତ୍ମାର ସଦ୍ ଗତି ନିମନ୍ତେ ନିରବ ପ୍ରାର୍ଥନା ପରେ ଡକ୍ଟର କାହ୍ନୁଚରଣ ଶତପଥୀଙ୍କ ରଚିତ ପୁସ୍ତକ 'ମାମିନାର ମାନପତ୍ର' ର ଉନ୍ମୋଚନ ଏବଂ ଜିଲ୍ଲା ର କୃତି ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତୀ ଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତିଙ୍କ ବକ୍ତବ୍ୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା, ପ୍ରାଧ୍ୟାପକ ଶ୍ରୀ ତୀର୍ଥ ଯାନୀ ନିର୍ବାଚନ ପରିଚାଳନା କରିଥିଲେ। ଏଥିରେ ସଭାପତି ଭାବେ ଚତୁର୍ଥ ଥର ପାଇଁ ଶ୍ରୀ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ, ଶ୍ରୀ ଶରତଚନ୍ଦ୍ର ମହାନ୍ତି ଓ ସୂଜିତ କୁମାର ବେହେରା, ନିର୍ବାଚିତ ହୋଇଛନ୍ତି। ଅନୁଷ୍ଠାନ ର ମୁଖ୍ୟ ସମ୍ପାଦକ ଭାବେ ଡକ୍ଟର କାହ୍ନୁଚରଣ ଶତପଥୀ ନିର୍ବାଚିତ ହୋଇଥିବାବେଳେ, ଯୁଗ୍ମସଂପାଦକ ଭାବେ ଶ୍ରୀ ଶ୍ୟାମବନ୍ଧୁ ମହାରଣା ଓ ଶ୍ରୀମତୀ ବିରାଜିନୀ ମହାପାତ୍ର, ସାଂସ୍କୃତିକ ସମ୍ପାଦିକା ଭାବେ ସୁଶ୍ରୀ ମୁସ୍କାନ ସୁଆର ଓ ଶ୍ରୀମତୀ ରୁପମ୍ବିକା ତ୍ରିପାଠୀ, ସଂଗଠନ ସମ୍ପାଦକ ଭାବେ ଶ୍ରୀ ତ୍ରିଲୋଚନ ପଣ୍ଡା, ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଶ୍ରୀ ସୋମନାଥ ସାହୁ, ଶ୍ରୀ ରଞ୍ଜନ କୁମାର ଗିରି,ଶ୍ରୀ ଶଶିଭୂଷଣ ପ୍ରଧାନ, ଶ୍ରୀମତୀ ସରସ୍ୱତୀ ସାହୁ,ଶ୍ରୀମତୀ ସୁନିତୀ ଆଚାରୀ ଓ ଶ୍ରୀମତୀ ପ୍ରଣତି ତ୍ରିପାଠୀଙ୍କୁ ଚୟନ କରାଯାଇଛି। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ ପ୍ରାଧ୍ୟାପକ ତୀର୍ଥ ଯାନୀଙ୍କୁ ଏବଂ ଉପଦେଷ୍ଟା ଭାବେ ଶ୍ରୀ ସୁବାଷ ଚନ୍ଦ୍ର ମହାନ୍ତି, ଶ୍ରୀମତୀ କଳ୍ପନାରାଣୀ ପାତ୍ର, ଡଃ ପୁଷ୍ପାଞ୍ଜଳି ମିଶ୍ର ଓ ଶ୍ରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ଚୟନ କରାଯାଇଛି। ଏଥିରେ ଅନୁଷ୍ଠାନର ୩୫ ଜଣରୁ ଅଧିକ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ପୁନର୍ବାର ଦାୟିତ୍ୱ ଦିଆଯାଇଥିବାରୁ ସଭାପତିଙ୍କ ସମେତ ସମସ୍ତ ନୁତନ କର୍ମକର୍ତା ସଦସ୍ୟ ସଦସ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଆଗାମୀ ଦୁଇବର୍ଷ ପାଇଁ ସହଯୋଗ କାମନା କରିଥିଲେ। ଆସନ୍ତା ଡିସେମ୍ବର ୧୦ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠାନ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଥିବା ଶୀତ ସହୋତ୍ସବ ଓ ୨୦୨୬ ମସିହା ଫେବୃଆରୀ ଷୋଡଶ ବନଜ୍ୟୋତ୍ସ୍ନା ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳାର ଆୟୋଜନ ଏବଂ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଶ୍ରୀମତୀ ରୁପମ୍ବିକା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନିଆଁ ଉଠି ଯଜ୍ଞ ମଣ୍ଡପରେ ଅଗ୍ନିକାଣ୍ଡ

କେନ୍ଦ୍ରାପଡ଼ା, ୧୦ ନଭେମ୍ବର(ହି.ସ.) – କେନ୍ଦ୍ରାପଡା ସଦର ଥାନା ଅଧିନ ଭରତପୁର ପଂଚୟତ ର ପାରାଚକ ଗ୍ରାମରେ ଯଜ୍ଞ ଚାଲିଥିବା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଯଜ୍ଞ ମଣ୍ଡପ ପୋଡି ଯାଇଥିବା ଜଣାପଡିଛି । ଘଟଣା ମୁତାବକ ଏହି ଗ୍ରାମରେ ସରକାରୀ ଜାଗାରେ ନୂତନ ଭାବେ ଶିବ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ କାର୍ଯ୍ୟ ଗ୍ରାମବାସୀଙ୍କ ଦ୍ୱାରା କରା ଯାଉଥିଲା । ସୋମବାର ଅପରାହ୍ନରେ ଆକସ୍ମିକ ଭାବେ ଯଜ୍ଞରୁ ନିଆଁ ଉଠି ଚାଳ ଛପରର ମଣ୍ଡପଟି ପୋଡି ଯାଇଛି । ତେବେ କୌଣସି ପ୍ରକାର ଅଘଟଣ କିମ୍ବା ଜୀବନହାନୀ ଘଟି ନଥିବା ଜଣାପଡିଛି । ଖବରପାଇ ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଯାନ ଘଟଣାସ୍ଥଳ ରେ ପହଁଚି ନିଆଁକୁ ଆୟତ କରିଥିଲା ।

# କନିଷ୍ଠ ଶିକ୍ଷକ ସଂଘର ଜିଲ୍ଲାସ୍ତରୀୟ ବନ୍ଧୁ ମିଳନ

କେନ୍ଦୁଝର,୧୧/୧୧ (ନି.ପ୍ର): କନିଷ୍ଠ ଶିକ୍ଷକ ସଂଘ(ଓଜେଟିଏ) କେନ୍ଦୁଝରର ଜିଲ୍ଲା ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ନେତୃତ୍ୱଙ୍କୁ ନେଇ ଏକ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଲିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଂଘର ସୁଦୃଢ଼ୀକରଣ, ଜିଲ୍ଲା ଓ ବ୍ଲକ ନେତୃତ୍ୱଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା, ନିୟମିତ ପାଇଁ ପଦକ୍ଷେପ ଓ ସଂଘର ଆଗାମୀ କାର୍ଯ୍ୟଯୋଜନା ସମ୍ବନ୍ଧୀୟ ବିଶେଷ ଆଲୋଚନା ହୋଇଥିଲା । ଏହି ଅବସରରେ ଓଜେଟିଏ କେନ୍ଦୁଝରର ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ, ପ୍ରବିର କୁମାର ସାହୁଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଠାରୁ ସଭା ଆରମ୍ଭ ହୋଇ ସଭା ପ୍ରାରମ୍ଭରେ ସଂଘର ଯୁଗ୍ମ କାର୍ଯ୍ୟକାରୀ ସଭାପତି ଚୟନ, ଜିଲ୍ଲା ମହିଳା ସଂଯୋଜିକା, ସଂଯୋଜକ, ନୂତନ ଭାବେ କୋଷାଧକ୍ଷ ଓ ସହ କୋଷାଧକ୍ଷ ଚୟନ, ଜିଲ୍ଲା କୋର କମିଟି ଗଠନ ଆଦି ପରେ ବିଶେଷ ଆଲୋଚନା ତତ ସହିତ ସମସ୍ତଙ୍କ ଦ୍ୱାରା ପରିଚୟ ପ୍ରଦାନ ଏବଂ ପରିଶେଷରେ ଭୋଜନ ଗ୍ରହଣ ଓ ବିଦ୍ୟାଳୟ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ, ଖାତା, କଲମ, ପ୍ଲେଟ ବଂଟନ ପରେ ସେହି ବିଦ୍ୟାଳୟର ଶିକ୍ଷକ ଅମିତ ଦାସଙ୍କୁ ଓ ଓଜେଟିଏ ଘଟଗାଁକୁ ଧନ୍ୟବାଦ ପୂର୍ବକ ସଭା ସାଙ୍ଗ କରାଯାଇଥିଲା । ଏହି ସଭାରେ ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ମଧ୍ୟରେ ଅକ୍ଷୟ କୁମାର ସାହୁ, ଶୁଭଶ୍ରୀ ପ୍ରଧାନ, ଶୁଭଶ୍ରୀ ମହାନ୍ତି, ଉର୍ମିଳା ମହାନ୍ତି ଏବଂ ବ୍ଲକ ନେତୃତ୍ୱ ମଧ୍ୟରେ ଶଶିକାନ୍ତ ହୋତା, ବଳରାମ ସାହୁ, ରୋହିତ ମହାନ୍ତି, ଶିବ କୁମାର ପରମାଣିକ, ବିଦ୍ୟାଧର ସାହୁ, ତନ୍ମୟ କୁମାର ପାଗଳ, କଲ୍ୟାଣୀ ପତି, ଶାଶ୍ୱତ ସୌମ୍ୟ ଜେନା, ପ୍ରଦ୍ୟୁମ୍ନ କୁମାର ବାରିକ, ସୁବର୍ଣ୍ଣେସ୍ୱର ଜେନା, ରାକେଶ ରଞ୍ଜନ ମଲ୍ଲିକ, ଦେବସ୍ମିତା ମହାନ୍ତି, ପ୍ରଭାସିନୀ ନାହାକ, ବିଷ୍ଣୁପ୍ରିୟା ବେହେରା, ସସ୍ମିତା ପ୍ରଧାନ, ସମ୍ମାନ ଖଣ୍ଡେଇ, ଚନ୍ଦ୍ରଶେଖର ପାତ୍ର, ବିକାଶ କୁମାର ସାହୁ, କ୍ଷୀରୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଆଦର୍ଶ ଶିକ୍ଷକ ଭାଗୀରଥି ତ୍ରିପାଠୀଙ୍କ ସ୍ମୃତି ସଭା

କେନ୍ଦୁଝର,୧୧/୧୧ (ନି.ପ୍ର): ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଂଚାୟତର ସୁଆଁପଦା ନୃସିଂହ ନାରାୟଣପୁର ଶାସନ ଗ୍ରାମର ସ୍ୱନାମଧନ୍ୟ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭାଗୀରଥି ତ୍ରିପାଠୀଙ୍କ ଦ୍ୱାଦଶାହ ଅବସରରେ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ଆନନ୍ଦପୁର ମଣ୍ଡଳ ତରଫରୁ ତାରକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ତ୍ରିପାଠୀ ଜଣେ ଅମାୟିକ ନୀତିବାନ ଆଦର୍ଶ ଶିକ୍ଷକ ସହ ଆଧ୍ୟାତ୍ମିକବାଦୀ ଭାବେ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ସୁଖ୍ୟାତି ରହିଥିବା ବେଳେ ରାମଚନ୍ଦ୍ରପୁର ଠାରେ ସ୍କୁଲ ସହ ଗ୍ରାମରେ ମନ୍ଦିର ତିଆରି ପାଇଁ ସ୍ୱତନ୍ତ୍ର ପରିଚୟ ଥିଲା। ସାରାଜୀବନ ସେ ଚାରଣ ଗୋଷ୍ଠୀ ସହ ବିଭିନ୍ନ ସେବାରେ ନିଜକୁ ନିୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ସନତ କୁମାର ରଥଙ୍କ ସଂଯୋଜନାରେ ଗାଳ୍ପିକ ହଳଧର ପଣ୍ଡା, ରାମଚନ୍ଦ୍ରପୁର ପୂର୍ବତନ ସରପଂଚ ଗୋବିନ୍ଦ ରାଉତ, ବିଚିତ୍ରାନନ୍ଦ ଦାଶ, ନବଘନ ସ୍ୱାଇଁ, ମହେଶ୍ୱର ସାହୁ, ପିତାମ୍ବର ନାଥ, ଗୁଣନିଧି ପଣ୍ଡା, ଶିଶିର ଜେନା, ସୁରେନ୍ଦ୍ର ନାୟକ, ଘନଶ୍ୟାମ ବୋଇତେଇ, ଚୈତନ୍ୟ ମହାଳିକ ପ୍ରମୁଖ ଯୋଗଦାନ କରି ସ୍ମୃତି ସଭାରେ ସ୍ମୃତିଚାରଣ କରିଥିଲେ ।

# ଗାନ୍ଧିଛକ ବଜାରରେ ଏଟିଏମ ଉଦ୍‌ଘାଟନ କଲେ ସମାଜସେବୀ ସୁମନ୍ତ ଜେନା



ବସ୍ତା, ୧୧/୧୧ (ନି.ପ୍ର): ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ଗାନ୍ଧି ଛକ ବଜାରରେ ୟୁନିୟନ ବ୍ୟାଙ୍କ ପକ୍ଷରୁ ଲାଗିଲା ପ୍ରଥମଥର ପାଇଁ ଟଙ୍କା ଡିପୋଜିତ ଓ ଟଙ୍କା ଉଠାଣ ଏଟିଏମ । ୟୁନିୟନ ବ୍ୟାଙ୍କ ମ୍ୟାନେଜର ଶଶିକାନ୍ତ ଶିଅଳଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ମୂଖ୍ୟ ଅତିଥିଭାବେ ସମାଜସେବୀ ପରିବେଶବିତ ସୁମନ୍ତ କୁମାରଜେନା ଯୋଗ ଦେଇ ଏଟିଏମ ଶୁଭାରମ୍ଭ କରିବା ସହିତ ବସ୍ତା ଅଞ୍ଚଳରେ ପ୍ରଥମଥର ୟୁନିୟନ ବ୍ୟାଙ୍କ ପକ୍ଷରୁ ଏଟିଏମ ରେ ଟଙ୍କା ଡିପୋଜିତ ଓ ଟଙ୍କା ଉଠାଣ ବ୍ୟବସ୍ଥା ରହିଥିବାରୁ ଗ୍ରାହକମାନେ ସୁବିଧାରେ ଅର୍ଥନେଣ ଦେଣ କରି ପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଗଗନ ବିହାରି ଜେନା ଏସକେ କବିର ଉଦ୍ଦିନ ସାମ୍ବାଦିକ ରବିନାରାୟଣ ସତପଥୀ ଦିଲ୍ଲୀପ କୁମାର ଦେ ନମିତାଜେନା ବିଦ୍ୟାଧର ଦେ ଯୋଗ ଦେଇଥିଲେ । ସେହିପରି ବ୍ୟାଙ୍କ ପକ୍ଷରୁ ମଥାନୀ ପଞ୍ଚାୟତ ତିଗିରିଆ ଫୁଲମଣୀ ବିଦ୍ୟାପିଠ ରେ କୁଇଜ ପ୍ରତିଯୋଗିତାରେ ଉତ୍ତିର୍ଣ୍ଣ ହୋଇଥିବା କୃତିତପା ମହାନ୍ତି ପ୍ରଥମ ସ୍ଥାନ ଦ୍ୱିତିୟ ବୈଶାଳୀ ବୈଠା ଓତୃତୀୟ ସ୍ଥାନ ନିଖିଲ କୁମାର ପଣ୍ଡାଙ୍କୁ ଅତିଥି ମାନଙ୍କଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା । ବିଦ୍ୟାପିଠର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଭୂୟାଁ ଉପସ୍ଥିତ ଥିବାସ୍ଥଳେ ବ୍ୟାଙ୍କ ର ସହକାରୀ ମ୍ୟାନେଜର ଇପ୍ ସିତା ପାଲ. କେସିଓର ସଂଗ୍ରାମ ପରିଡା ପରିଚାଳନା କରିଥିଲେ ।ବ୍ୟାଙ୍କର ପିଅନ ଭଗିରଥ ବେହେରା ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଶାଳ ଏକତା ପଦଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

ନୀଳଗିରି, ୧୧/୧୧ (ନି.ପ୍ର): ଆସନ୍ତା ୧୩ତାରିଖ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ସମଗ୍ର ଭାରତବର୍ଷରେ ଏକତା ପଦଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ବାଲେଶ୍ୱର ସଂସଦୀୟକ୍ଷେତ୍ରରେ ୩ଟି ସ୍ଥାନରେ ଏହି ପଦଯାତ୍ରା ଅନୁଷ୍ଠିତ ହେବ । ନୀଳଗିରି ଗଡଜାତ ସ୍ୱାଧୀନଭାରତରେ ପ୍ରଥମେ ମିଶ୍ରଣହୋଇ ଏକ ଉଦାହରଣ ପାଲଟିଥିବା ବେଳେ ଅନ୍ୟ ଗଡଜାତ ମାନଙ୍କ ପାଇଁ ପଥପ୍ରଦର୍ଶକ ସାଜିଥିଲା । ତେଣୁ ଏଭଳି ମହାନମାଟିରୁ ପ୍ରଥମେ ଏକତାପଦଯାତ୍ରା ଆରମ୍ଭ କରିବାକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୩ତାରିଖ ହେଲିକପ୍ଟର ସାହାଯ୍ୟରେ ଆସି ସକାଳ ୮ଟା ସମୟରେ ଏହି ଏକତାପଦଯାତ୍ରାର ଶୁଭାରମ୍ଭ କରିବେ । ଏନେଇ ବାଲେଶ୍ୱର ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶପାଇଥିବା ବେଳେ ଆଜି ନୀଳଗିରି ଡାକବଙ୍ଗଳା ଠାରେ ବାଲେଶ୍ୱର ସାଂସଦଙ୍କ ଉପସ୍ଥିତିରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ଅନ୍ୟଜିଲ୍ଲାସ୍ତରୀୟ ଉଚ୍ଚପଦାଧିକାରୀ ଏବଂ ଉପଖଣ୍ଡ ପ୍ରଶାସନର ଅଧିକାରୀମାନେ ଉପସ୍ଥିତରହି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବାପାଇଁ ସମସ୍ତ ବ୍ୟବସ୍ଥାର ତର୍ଜମା କରିଥିଲେ । ଏହି ପଦଯାତ୍ରା ନୀଳଗିରି ଠାରୁ ଆରମ୍ଭହୋଇ ମିତ୍ରପୁର ପର୍ଯ୍ୟନ୍ତ ଯିବ । ତେବେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ପଦଯାତ୍ରାରେ ବହୁ ସଂଖ୍ୟକ ବୁଦ୍ଧିଜୀବୀ, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକଗୋଷ୍ଠୀ, ସାଧାରଣ ଜନତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସରିଲା ନୂଆପଡ଼ା...

କିନ୍ତୁ କୌଣସି ପ୍ରଭାବ ପକାଇନି ମତଦାନ ପ୍ରକ୍ରିୟାକୁ । ୮୦ ଏବଂ ୨୯୮ ନମ୍ବର ବୁଥରେ ଠଠଚଇଞ୍ଜରେ ସମସ୍ୟା ଯୋଗୁ ବଦଳାଯାଇଥିଲା । ୨୫୦ ନମ୍ବର ବୁଥରେ ଗୋଟିଏ ବଟନ୍ ଦବାଇଲେ ଆଉ ଗୋଟେ ଚିହ୍ନକୁ ଭୋଟ୍ ଯିବା ଘଟଣା ସମ୍ପୂର୍ଣ୍ଣ ଗୁଜବ ବୋଲି କହିଛନ୍ତି ଉରଙ୍ଗ । ସେହିପରି ଭୋଟରଙ୍କ ଗୋପନୀୟତା ଉଲ୍ଲଙ୍ଘନ କରିଥିବାରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସିନାପାଲି ୪୬ ନଂ ବୁଥର ପ୍ରିଜାଇଡିଂ ଅଫିସର ସନ୍ଦୀପ ସ୍ୱାଇଁ ଏବଂ କୁଳିଆବନ୍ଧ ୩୬ ନଂ ବୁଥର ଧନଞ୍ଜୟ ମଲ୍ଲିକଙ୍କୁ ସସପେଣ୍ଡ କରିଥିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ନୂଆପଡ଼ାର ପ୍ରାୟ ୨ ଲକ୍ଷ ୫୩ ହଜାର ଭୋଟର୍ ୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥିବାବେଳେ ଏବେ ଅପେକ୍ଷା ଆସନ୍ତା ୧୪ ତାରିଖକୁ । ଯେଉଁଦିନ ଋଠଗ ସହ ଖୋଲିବ ପ୍ରାର୍ଥୀଙ୍କ ଭାଗ୍ୟ ।

### ଏକଜିଟ୍ ପୋଲ...

ପ୍ରଥମ ପର୍ଯ୍ୟାୟରେ ଭୋଟିଂ ହାର ୬୫% ରହିଥିଲା । ୨୦୨୫ ବିହାରବାସୀ ରେକର୍ଡ ସଂଖ୍ୟକ ଭୋଟିଂ କରିଛନ୍ତି । ଭୋଟିଂ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକଜିଟ ପୋଲ ରେଜଲ୍ଟ ଜାରି କରାଯାଇଛି । ଅଧିକାଂଶ ସର୍ଭେ ସଂସ୍ଥା ବିହାର ଶାସନରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସଙ୍କେତ ଦେଇଛନ୍ତି । ଅର୍ଥାତ ବିଜେପି ନେତୃତ୍ୱାଧୀନ ଏନଡିଏ ପୁଣି ବିହାରରେ ଶାସନ ଜାରି ରଖିବ । ସେହିପରି ବିହାର ବିଜୟ ପାଇଁ ବିରୋଧୀ ମେଣ୍ଟ ଯେଉଁ ସ୍ୱପ୍ନ ଦେଖିଥିଲା, ତା'ହା ଏଥର ପୁଣି ଅଧା ରହିବ ବୋଲି ଏକଜିଟ ପୋଲରେ ଦାବି କରାଯାଇଛି । ବିହାରରେ ୨୦୦୫ରୁ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ କାମ କରି ଆସୁଛନ୍ତି । ସେ କେତେବେଳେ ବିଜେପି ତ ଆଉ କେତେବେଳେ ବିରୋଧୀ ଆରଜେଡି ସହ ମିଶି ସରକାର ଗଠନ କରିବାର ନଜିର ରହିଛି । ୨୦୨୦ରେ ନୀତୀଶଙ୍କ ଜେଡିୟୁ ୪୩ଟି ଆସନ ଜିତିଥିଲେ ହେଁ ୭୪ ଆସନ ଜିତିଥିବା ବିଜେପି ତାଙ୍କୁ ମେଣ୍ଟ ସରକାରରେ ମୁଖ୍ୟମନ୍ତ୍ରୀ କରିଥିଲା । ୨୦୧୫ରେ ସେ ଆରଜେଡି ସହ ମିଶି ସରକାର ଗଠନ କରିଥିଲେ । କିନ୍ତୁ ୨୦୧୭ରେ ସେ ମେଣ୍ଟରୁ ଓହରି ବିଜେପି ସହ ମିଶି ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ । ତେବେ ୨୦୨୫ରେ ବିରୋଧୀ ମେଣ୍ଟ ମହାଗଠବନ୍ଧନ (ଆରଜେଡି, କଂଗ୍ରେସ ଓ ବାମଦଳ) କ୍ଷମତାକୁ ଫେରିବ ବୋଲି ଆଶା କରିଥିଲେ । କିନ୍ତୁ ଅଧିକାଂଶ ଏକଜିଟ ପୋଲ ମହାଗଠବନ୍ଧନ ବିରୋଧରେ ଜନମତ ଯିବ ବୋଲି କହିଛନ୍ତି । ବିଜେପି ନେତୃତ୍ୱାଧୀନ ଏନଡିଏ ବିହାରରେ କ୍ଷମତା ବଜାୟୀ ରଖିବ ବୋଲି ପ୍ରାୟ ସବୁ ସଂସ୍ଥା ଆକଳନ କରିଛନ୍ତି । ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ଏଥର ଡେବ୍ୟୁ କରିଥିଲା । କିନ୍ତୁ ଏହାର ପ୍ରଭାବ ଭୋଟରଙ୍କ ଉପରେ ପଡ଼ି ନଥିବା ଏକଜିଟ ପୋଲରେ କୁହାଯାଇଛି । ବିହାରର ବିଧାନସଭା ଆସନ ସଂଖ୍ୟା ହେଉଛି ୨୪୩ । ତେଣୁ ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୧୨୨ । ୧୪ ତାରିଖରେ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଆଜି ଏକଜିଟ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି ।

### ଦିଲ୍ଲୀ ବିସ୍ଫୋରଣର...

ଏହାରି ଭିତରେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବା ଆତଙ୍କୀ ଡାକ୍ତର ଉମର ମହମ୍ମଦର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି । ଲାଲ୍‌କିଲ୍ଲା ବିସ୍ଫୋରଣରେ ୫ଜଣ ଡାକ୍ତରଙ୍କ ସମ୍ପୃକ୍ତି ଥିବା ସାମନାକୁ ଆସିଛି । ପୂର୍ବରୁ ଫରିଦାବାଦର ଡାକ୍ତର ଆଦିଲ ଅହମ୍ମଦ, ହାଇଦ୍ରାବାଦ ଡାକ୍ତର ଅହମ୍ମଦ ମୋହିଉଦ୍ଦିନ, କାଶ୍ମୀରର ଡାକ୍ତର ମୁଜମିଲ ଶକିଲ ଓ ଲକ୍ଷ୍ନୌର ମହିଳା ଡାକ୍ତର ଶାହିନ ଶାହିଦ ଗିରଫ ହୋଇଥିଲେ । ସେମାନଙ୍କ ପାଖରୁ ବିସ୍ଫୋରକ, ମାରଣାସ୍ତ୍ର ଓ ଉକ୍ଟ ବିଷ ଜବତ ହୋଇଥିଲା । ସବୁ ସାଥୀ ଧରାପଡ଼ିବାରୁ ଉମର ଆତ୍ମଘାତୀ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବା ଅନୁମାନ କରାଯାଉଛି । ଫରିଦାବାଦର ଅଲ-ଫଲାହ ୟୁନିର୍ଭସିଟି ଆତଙ୍କୀ ମୋଡ୍ୟୁଲଙ୍କ ଆଡ୍ଡା ଥିବାରୁ ୟୁନିର୍ଭସିଟିର ଆହୁରି ୫୨ ଜଣଙ୍କୁ ପଚରାଉଚରା କରୁଛି ଏନଆଇଏ । ଏପଟେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉଚ୍ଚ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ବିସ୍ଫୋରଣରେ ସମ୍ପୃକ୍ତ ଥିବା ଆତଙ୍କୀଙ୍କୁ ଖୋଜି ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଭୁଟାନରୁ ଶତ୍ରୁଙ୍କୁ କଡ଼ା ଶବ୍ଦରେ ଭର୍ତ୍ସନା କରିବା ସହ ଦୋଷୀଙ୍କୁ କଡ଼ା ଶାସ୍ତି ଦିଆଯିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ଗତକାଲି ସନ୍ଧ୍ୟାରେ ଆତଙ୍କବାଦୀଙ୍କ କାର ବିସ୍ଫୋରଣରେ ଦୋହଲି ଯାଇଥିଲା ଦିଲ୍ଲୀ । ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ହୋଇଥିବା ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ ଗଛ ଡାଳରେ ଝୁଲୁଥିଲା ମୃତଦେହବ । ଜଳି ଯାଇଥିଲା ୮ରୁ ଅଧିକ କାର । ଲୋକଙ୍କ ଆର୍ତ୍ତ ଚିତ୍କାର, ଧାଁ ଦଉଡ, ପୁଲିସ ସାଇରନରେ ଥରି ଉଠିଥିଲା ଦିଲ୍ଲୀର ସବୁଠୁ ସୁରକ୍ଷିତ ଅଂଚଳ ।

### ପୁଲିସ ଏସଆଇ...

ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପ୍ରସ୍ତୁତ ପୁଲିସ ଏସ୍ଆଇ କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ବର୍ତ୍ତମାନ ସୁଦ୍ଧା ୧୨୪ ଜଣଙ୍କୁ ଗିରଫ କରିସାରିଛି । କିନ୍ତୁ ଏହା ପଛରେ କେଉଁ ବଡ଼ବଡିଆଙ୍କ ହାତ ରହିଛି ତାହା ଉପରେ ଅଧିକ ଖୋଳତାଡ କରିବ ସିବିଆଇ ।

### ଦେଢ଼ ଲକ୍ଷ ଟ୍ରିଲିୟନ ଡଲାରର...

ନୁହେଁ ବରଂ ଓଡ଼ିଶାକୁ ୨୦୩୬(ସମୃଦ୍ଧ ଓଡ଼ିଶା) ସୁଦ୍ଧା ୫୦୦ ବିଲିୟନ ଡଲାର ଓ ୨୦୪୭ ମସିହା(ବିକଶିତ ଓଡ଼ିଶା) ସୁଦ୍ଧା ଦେଢ଼ ଟ୍ରିଲିୟନ ଆମେରିକୀୟ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ କରିବାର ଦୀର୍ଘକାଳୀନ ରଣନୀତିର ଏକ ପ୍ରମୁଖ ଅଂଶ ବୋଲି କୁହାଯାଉଛି । ଏହି ଆର୍ଥିକ ଆକାଂକ୍ଷା ଓ ଗୋଲାପୀ ଚିତ୍ର ମୁଖ୍ୟତଃ ରାଜ୍ୟର ସାମଗ୍ରିକ ବିକାଶ ଉପରେ ପର୍ଯ୍ୟବେସିତ । ଯେଉଁଥିରେ ଏକ କୋଟିରୁ ଅଧିକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହିତ ସବୁଜ ଶକ୍ତି, ପର୍ଯ୍ୟଟନ, ଉତ୍ପାଦନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଜାତୀୟସ୍ତରରେ ଅଗ୍ରଣୀ ହେବାକୁ ଲକ୍ଷ୍ୟ ରଖାଯାଇଛି । ଅର୍ଥ ବିଭାଗର ଆକଳନ ଅନୁଯାୟୀ, ୨୦୨୬-୨୭ରେ ଓଡ଼ିଶାର ଅର୍ଥନୀତି ୮ ପ୍ରତିଶତ (ବାସ୍ତବିକ)ରେ ଅଭିବୃଦ୍ଧି ହାସଲ କରିବ । ଯାହାକି ଜାତୀୟ ହାର ତୁଳନାରେ ଅଧିକ । ଜାତୀୟ ଅଭିବୃଦ୍ଧି ହାର ଏହି ଅବଧିରେ ୭ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଛି । ଗ୍ରାମାଂଚଳରେ ସାଧାରଣ ଲୋକଙ୍କ କ୍ରୟଶକ୍ତି (ଉପଭୋକ୍ତାଙ୍କ ଚାହିଦା)ରେ ସୁଧାର, ସହରାଂଚଳରେ ଲୋକଙ୍କ ଖର୍ଚ୍ଚସୀମା ବୃଦ୍ଧି ଓ ଅନୁକୂଳ ପାଣିପାଗ ପରିସ୍ଥିତି କୃଷି ଉତ୍ପାଦନକୁ ବୃଦ୍ଧି କରାଇବ । ତେବେ ବିଶ୍ୱସ୍ତରରେ ଦୁର୍ବଳ ଚାହିଦା ଏବଂ ଜିଓ ପଲଟିକାଲ ଉତ୍ତେଜନା ଭଳି ବିପଦର ଆଶଙ୍କା ମଧ୍ୟ ରହିଛି ।

# ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ଚନ୍ଦନ



ଉଦଳା, ୧୧/୧୧ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ବାହାନଡ଼ା ପଂଚାୟତ ଅନ୍ତର୍ଗତ ଅଁଳାଶୁଳି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବୁଧିଆ ସିଂ ଓ ମାତା- ସୁମି ସିଂଙ୍କର ୧୧ ବର୍ଷ ବୟସର ପୁତ୍ର 'ଚନ୍ଦନ' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିନଥିବାର ଜଣାଯାଇଛି । ଖବର ନେବାରୁ 'ଚନ୍ଦନ'ଙ୍କର ପିତା, ମାତା ବାହାରକୁ କାମ କରିବା ପାଇଁ ବାରମ୍ବାର ପଳାଇ ଯାଉଥିବାରୁ ସେମାନେ ପୁତ୍ରଙ୍କର ଉପଯୁକ୍ତ ଯତ୍ନ ନେଇପାରୁ ନାହାଁନ୍ତି । ଫଳରେ 'ଚନ୍ଦନ' ଏ ପର୍ଯ୍ୟନ୍ତ ପାଠପଢ଼ି ପାରିନଥିବାର ଜଣାଯାଇଛି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ଚନ୍ଦନ'ଙ୍କ ପରି ଏବେ ମଧ୍ୟ ବହୁ ସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି । ଏହିସବୁ ପିଲାଙ୍କୁ ଖୋଜିବା ଓ ସେମାନଙ୍କର ନାମ କିପରି ବିଦ୍ୟାଳୟରେ ଲେଖାଯାଇପାରିବ ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବା ସକାଶେ ମୋଟା ଅଙ୍କରେ ଦରମା ନେଇ ନିୟୋଜିତ ଥିବା ସରକାରୀ ବାବୁ ମାନଙ୍କର କାର୍ଯ୍ୟକଳାପ ଯେ ଆଦୌ ସନ୍ତୋଷଜନକ ନୁହେଁ ତାହା ଏଥିରୁ ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# 'ମାଳି ପୁଟ ମେଲୋଡିଜ୍' – ଭାରତୀୟ ପାନୋରାମା ପାଇଁ ମନୋନୀତ ଏକମାତ୍ର ଓଡ଼ିଆ ଫିଚର ଫିଲ୍ମ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ୫୬ତମ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବ (ଆଇ.ଏଫ.ଏଫ.ଆଇ- ୱରଋଓ)ର ଭାରତୀୟ ପାନୋରାମା ବିଭାଗ ପାଇଁ ଫିଚର ଫିଲ୍ମ 'ମାଳି ପୁଟ ମେଲୋଡିଜ୍' ମନୋନୀତ ହେବା ସହିତ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ ଆଣିଛି । ଏହି ସମ୍ମାନ ଦକ୍ଷିଣ ଓଡ଼ିଶାର କାହାଣୀ ଏବଂ ସଂସ୍କୃତିକୁ ଏକ ଜାତୀୟ ମଞ୍ଚକୁ ନେଇଯାଇଛି । "ମାଳି ପୁଟ ମେଲୋଡିଜ୍" ହେଉଛି ଚାରିଟି ସଂଯୁକ୍ତ କ୍ଷୁଦ୍ର ଚଳଚ୍ଚିତ୍ରର ଏକ ସଂଗ୍ରହ ଯାହା ଏହି ଅଞ୍ଚଳର ଅଧିବାସୀ, ଗ୍ରାମାଞ୍ଚଳର ସୌନ୍ଦର୍ଯ୍ୟ, ଭାବନା ଏବଂ ପରମ୍ପରାକୁ ଜୀବନ୍ତ କରିଛି । ଚଳଚ୍ଚିତ୍ରଟି ନିଜର ସରଳ ଓ ଶକ୍ତିଶାଳୀ କାହାଣୀ, ପ୍ରାକୃତିକ ପ୍ରଦର୍ଶନ ଏବଂ ସୁନ୍ଦର ସଙ୍ଗୀତ ପାଇଁ ପ୍ରଶଂସିତ ହୋଇଛି । ବିଶାଳ ପଟ୍ଟନାୟକଙ୍କ ଦ୍ୱାରା ନିର୍ଦ୍ଦେଶିତ, ସୁଧାକର ପଟ୍ଟନାୟକଙ୍କ ଲିଖିତ ଏବଂ ଆଉ ନେକ୍ସ୍ଟ ର ସିଇଓ କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରର




ସଙ୍ଗୀତ ଏବଂ ଗୀତଗୁଡ଼ିକ ତୋଷ ନନ୍ଦଙ୍କ ଦ୍ୱାରା ରଚିତ, ଯାହା ଚଳଚିତ୍ରରେ ଆଣିଛି ଏକ ଭାବପ୍ରବଣତା । ଚଳଚ୍ଚିତ୍ରର ଶୁଟିଂ ସମୟରେ ଟିମ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା, ଯେଉଁଥିରେ ସ୍ଥାନ ଏବଂ ସୀମିତ ଅଞ୍ଚଳ ଅନ୍ତର୍ଭୁକ୍ତ । ତଥାପି, ସମସ୍ତଙ୍କ ଆଗ୍ରହ ଏବଂ କଠିନ ପରିଶ୍ରମ ଚଳଚ୍ଚିତ୍ରକୁ ଅନ୍ତର୍ଜାତୀୟ ସ୍ୱୀକୃତି ଆଣିଦେଇଛି । 'ମାଳି ପୁଟ ମେଲୋଡିଜ୍' ମଧ ସ୍ୱତନ୍ତ୍ର ହେବାର କାରଣ ଏହା ଭାରତୀୟ ପାନୋରାମା ବର୍ଗ ପାଇଁ ମନୋନୀତ ୨୫ଟି ଚଳଚ୍ଚିତ୍ର ମଧ୍ୟରୁ ଏକମାତ୍ର ଓଡ଼ିଆ ଫିଚର ଚଳଚ୍ଚିତ୍ର । ଏହା ନଭେମ୍ବର ୨୨ରେ ଗୋଆରେ ପ୍ରଦର୍ଶିତ ହେବ । ଦିବଂଗତ ଅଭିନେତା ପ୍ରଶାନ୍ତ କୁମାର ମିଶ୍ର ଏବଂ କାର୍ତ୍ତିକ ରାଉତଙ୍କୁ ମନେ ପକାଇଛି ଚଳଚିତ୍ରର ଟିମ, ଯେଉଁମାନେ ଏହାର ସଫଳତାର ସାକ୍ଷୀ ହୋଇପାରି ନାହାନ୍ତି । ଟିମ ଆଶା କରିଛି ଯେ ଚଳଚ୍ଚିତ୍ରଟି ଅନ୍ତର୍ଜାତୀୟ ପ୍ରତିଯୋଗିତା ପର୍ଯ୍ୟାୟରେ ଆଗକୁ ବଢ଼ିବ ଏବଂ ଓଡ଼ିଶା ପାଇଁ ଅଧିକ ସମ୍ମାନ ଆଣିବ ।

# ବର୍ତ୍ତନା ଶାଳପତ୍ର କ୍ଲଷ୍ଟରରେ ଏକ ଦଶ ଦିନିଆ ତାଲିମ ଶିବିର ଆରମ୍ଭ

ବୈଶିଙ୍ଗା , ୧୧/୧୧ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ବେତନଟୀ ରେଞ୍ଜ ଅନ୍ତର୍ଗତ ବର୍ତ୍ତନା ଗ୍ରାମରେ ବନବିଭାଗ ପକ୍ଷରୁ ସ୍ଥାପିତ ଶାଳପତ୍ର କ୍ଲଷ୍ଟର ପରିସରରେ ସୋମବାର ଠାରୁ ଦଶ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି । ବେତନଟୀ ବନବିଭାଗ ଡେପୁଟି ରେଞ୍ଜର ଧୃବେନ୍ଦ୍ର ନାୟକଙ୍କ ସଞ୍ଚାଳନରେ ଆୟୋଜିତ ଉଦଘାଟନ ଉତ୍ସବରେ ମୂଖ୍ୟ ଅତିଥି ଭାବେ ବାରିପଦା ଏସିଏଫ୍ ମେହେରବାନ ଅଲ୍ଲୀ , ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କୋଅର୍ଡିନେଟର ନିହାର ରଞ୍ଜନ ସାମଲ ଓ ରତିକାନ୍ତ ବେହୁରା , ଫରେଷ୍ଟର ଦୀପକ କୁମାର ପାତ୍ର , ଫରେଷ୍ଟ ଗାର୍ଡ ଉତ୍ତମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ଜଙ୍ଗଲରେ ନଷ୍ଟ ହୋଇଯାଉଥିବା ଶାଳପତ୍ର ଗୁଡ଼ିକୁ ମେସିନ ସାହାଯ୍ୟରେ ସିଲେଇ କରି ସେଥିରୁ ଖଲିପତ୍ର ଥାଳି ଓ ଦୋନା ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହେବା ଉଦ୍ଦେଶ୍ୟରେ ଏକ ୧୦ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି । ୧୦ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ତାଲିମ କାର୍ଯ୍ୟକ୍ରମ ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**
**"e"-PROCUREMENT NOTICE**
**BID IDENTIFICATION No: 04 MID (JSP/2025-26)**

| | | |
|---|---|---|
| 1. | Name of the Inviting Officer:- | Superintending Engineer, Minor Irrigation Division, Jashipur |
| 2. | Name of the Work:- | Improvement of MIPs in Jashipur Block of Mayurbhanj District under the scheme MIPSP for the year 2025-26. |
| 3. | No. of Works:- | 1 (One) Nos. |
| 4. | Tender Amount Varies From:- | 22.68 lakhs |
| 5. | Date and Time of Availability of BID Document in the Portal for online Bidding from: - | Dt.15.11.202510.00hrs to Dt.24.11.2025 17.00hrs |
| 6. | Last Date and Time of receipt of Bids in the Portal:- | Dt.24.11.2025 upto 17.00hrs |
| 7. | Last Date and Time for clarification up to: - | Dt.24.11.2025 upto 17.00hrs |
| 8. | Date of opening of Bid: - | Dt.25.11.2025 at 11.00hrs onwards |

The detail tender call notice can also be seen in the DOWR website: http://dowrorissa.gov.in

Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:-eemijashipur@yahoo.com

Further details can be seen from the : e-Procurement market place. http://tendersorissa.gov.in

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**SUPERINTENDING ENGINEER**
**M.I. DIVISION, JASHIPUR**

# ଷଢ଼େଇକଳା ଶିଳ୍ପୀଙ୍କୁ ବିଶ୍ୱକର୍ମା ସମ୍ମାନ

କେନ୍ଦ୍ରାପଡ଼ା, ୧୧/୧୧ (ନି.ପ୍ର): ବିଭିନ୍ନ ପ୍ରକାର ର କଳାକୃତି ପାଇଁ ଆମ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରସିଦ୍ଧ । ଏହି ଫର୍ଦ ରେ ଏବେ ଯୋଡି ହୋଇଛି 'ସଢ଼େଇକଳା' । ଏହି କଳାକାର ଜଣକ ହେଉଛନ୍ତି ସୁମନ ସେଠି । କେନ୍ଦ୍ରାପଡ଼ା ଜିଲ୍ଲା ନିକିରେଇ ପଂଚାୟତର ପୂର୍ବ ନିକିରେଇ ଗ୍ରାମର ତାଙ୍କ ଘର । ସେ ଜଣେ ଇଲେକ୍ଟ୍ରି ମିସ୍ତ୍ରୀ କିନ୍ତୁ ଏହି କଳା କୁ ଆଗକୁ ନେବାକୁ ସେ ଦୀର୍ଘ ବର୍ଷ ହେବ କାମ କରୁଛନ୍ତି । ପେଶାରେ ଜଣେ ମେକାନିକ ନିଶା ତାଙ୍କର ସଢ଼େଇକଳା । ସେ ବିଭିନ୍ନ ପ୍ରକାର ର ସଢ଼େଇକଳା ପ୍ରସ୍ତୁତ କରି ନିଜ ଘରେ ରଖିଛନ୍ତି । ଯଦି ଏହି କଳାକୁ ସରକାରୀ ସ୍ତର ରେ ପ୍ରୋତ୍ସାହନ ମିଳନ୍ତା ତେବେ ସେ ଏହାକୁ ସାରା ଓଡିଶା ରେ ଉପସ୍ଥାପନ କରିପାରନ୍ତେ ବୋଲି ସୁମନ ସେଠି ମତ ଦେଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଓ ସଂସ୍କୃତିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସବୁବେଳେ ଭିନ୍ନ ଭିନ୍ନ କଳାକାରଙ୍କୁ ପ୍ରୋତ୍ସାହନ ଦେଇଥାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ 'ଷଢ଼େଇକଳା' କଳାକାରଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଭିନ୍ନ ଏକ ବିଶ୍ୱକର୍ମା' ସମ୍ମାନରେ ସମ୍ମାନିତ କରାଯାଇଛି ।

# ବାଲେଶ୍ୱରରେ ଉଦ୍‌ଘାଟିତ ହେଲା ଅମୃତକାଳ ସାଂସ୍କୃତିକ ସମାରୋହ




ବାଲେଶ୍ୱର, ୧୧/୧୧ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅନୁକୂଲ୍ୟରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନଠାରେ ଦୁଇଦିନବ୍ୟାପୀ ସାଂସ୍କୃତିକ ସମାରୋହ ଉଦଘାଟିତ ହୋଇଯାଇଛି ।

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ କଲିକତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭହୋଇଥିବା ଅମୃତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପନ୍ନ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି । ଏହି ଉତ୍ସବ ମାଧ୍ୟମରେ ବାଲେଶ୍ୱର ଜିଲା ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରିଥିଲେ । ଉଦଘାଟନୀ ସନ୍ଧ୍ୟାର ସମ୍ମାନସ୍ପଦ ଅତିଥି ମାନ୍ୟବର ପୌରପାଳିକା ଚେୟାରମ୍ୟାନ ଶ୍ରୀମତୀ ସବିତା ସାହୁ, ମାନ୍ୟବର ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଯୋଗ ଦେଇ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ର କଳାକାର ମାନଙ୍କ ପାଇଁ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ କଳାକାର ଗୋଷ୍ଠୀ ମୁଖ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଉଦଘାଟନୀ ସନ୍ଧ୍ୟାରେ ଗୁରୁ ସୁଇଟି ଜେନା ଏବଂ ଟ୍ରୁପ ପକ୍ଷରୁ ମାହାରୀ ନୃତ୍ୟ, ବନଧୂଳିର ଫୁଲ ଗ୍ରୁପ ପକ୍ଷରୁ ଆଦିବାସୀ ଭୁମିଜା ନୃତ୍ୟ, ମା ସର୍ବ ମଙ୍ଗଳା ଘୋଡା ନାଚ ପରିଷଦ ପକ୍ଷରୁ ଘୋଡା ନାଚ, ନୃତ୍ୟଶ୍ରୀ କଳା ନିକେତନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଏବଂ ମାଆ ଭଗବତୀ କଳା ନିକେତନ ପକ୍ଷରୁ ଚଢ଼େଇଆ ନାଚ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ କଳାକାର ଗୋଷ୍ଠୀ ମାନଙ୍କୁ ପ୍ରୋତ୍ସାହିତ ରାଶି ମଧ ପ୍ରଦାନ କରାଯାଉଛି ।

ନଭେମ୍ବର ଏଗାର ଏବଂ ବାର ତାରିଖ ଦୁଇଦିନ ସନ୍ଧ୍ୟାରେ ଏହି ସମାରୋହ ଅନୁଷ୍ଠିତ ହେବ । ବହୁ ସଂଖ୍ୟାରେ ସଂସ୍କୃତି ପ୍ରେମୀ ଜନସାଧାରଣ ଏବଂ ବୁଦ୍ଧିଜୀବୀ ମାନେ ଉଦଘାଟନୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an affidavit sworn before executive magistrate, Bhubaneswar date -06/11/2025 I Madhumita behera laxmisagar (upar sahi) PS laxmisagar, bhubaneswar dist-Khurda, pin -751006 Odisha declare that I have changed my name from Madhumita sahoo to Madhumita behera. Henceforth, I shall be known as Madhumita behera for all purposes.

**Madhumita behera**

ବୁଧବାର, ନଭେମ୍ବର ୧୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବେନିୟମ ଭାବରେ ଚାଲିଛି ଗାଡି ଋଣ ଆଦାୟ: ଆରବିଆଇ ନିୟମ ଉଲ୍ଲଂଘନର ଅଭିଯୋଗ

ବାଲିଆପାଳ, ୧୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବେନିୟମ ଭାବରେ ଗାଡି ଋଣ ଆଦାୟ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଅଭିଯୋଗ ଅନୁଯାୟୀ, କିଛି ଅଣ-ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ନିଜକୁ ବିଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀ ଭାବେ ପରିଚୟ ଦେଇ ଋଣୀଙ୍କ ଗାଡିକୁ ଅଟକାଇ ଅବୈଧ ଭାବରେ ଅର୍ଥ ଆଦାୟ କାର୍ଯ୍ୟ କରୁଛନ୍ତି । ଋଣୀମାନଙ୍କ କହିବା ଅନୁଯାୟୀ, ଆର୍ଥିକ ସମସ୍ୟା ହେତୁ ମାସିକ କିସ୍ତି ଦେବାରେ ବିଳମ୍ବ ହେଲେ, କମ୍ପାନୀମାନେ ବିନା ନ୍ୟାୟିକ ପ୍ରକ୍ରିୟା, ବିନା ସଚେତନତା ନୋଟିସ୍ ଓ ବିନା ଅନୁମତିରେ ସେମାନଙ୍କ ଗାଡି ଜବତ କରୁଛନ୍ତି। ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ ଙ୍କ ନିୟମର ଖୋଲା ଖୋଲି ଉଲ୍ଲଂଘନ ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ କହିଛନ୍ତି "କୌଣସି ଆର୍ଥିକ ସଂସ୍ଥା ନିଜେ ଅଥବା ଅଣ-ଲାଇସେନ୍ସ ଏଜେଣ୍ଟ ମାଧ୍ୟମରେ ଗାଡି ଜବତ କରିପାରିବେ ନାହିଁ। ଏହା ନିୟମ ଅନୁସାରେ ନ୍ୟାୟିକ ପ୍ରକ୍ରିୟା ମାଧ୍ୟମରେ ହେବା ଆବଶ୍ୟକ।" ଏହି ଘଟଣା ଗ୍ରାମାଞ୍ଚଳର ଗରିବ ଓ ମଧ୍ୟବିତ୍ତ ଜନସାଧାରଣଙ୍କୁ ଗଭୀର ଭାବେ ପ୍ରଭାବିତ କରୁଛି। ପ୍ରଥମେ ଲୋଭ ଦେଖାଇ ଅଳ୍ପ ଟଙ୍କାରେ ଗାଡି ଦିଆଯାଉଛି, ଯାହା ପରେ ଅସୁବିଧା ହେଲେ ଅବୈଧ ଭାବରେ ଛଡାଇ ନିଆଯାଉଛି। ଏହି ପରିସ୍ଥିତି ଦେଖି ବହୁ ସଚେତନ ନାଗରିକ ଏବଂ ବିଭିନ୍ନ ସାମାଜିକ ସଂଗଠନ ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ ଓ ଅର୍ଥ ନିୟନ୍ତ୍ରଣ କାର୍ଯ୍ୟାଳୟ ନିକଟରେ ଗଣମାଧ୍ୟମ ଜରିଆରେ ଏହି ଅବୈଧ ଋଣ ଆଦାୟରେ ଜଡିତ ଥିବା ଲୋକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି ।

## ପରଲୋକରେ ସାହିତ୍ୟିକ ପ୍ରହ୍ଲାଦ ଚରଣ ମହାନ୍ତି



ବାଲେଶ୍ୱର, ୧୧/୧୧ (ନି.ପ୍ର): ଆରପାରିରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରହ୍ଲାଦ ଚରଣ ମହାନ୍ତି । ଆଜି ରାତି ପ୍ରାୟ ୧୦ଟାରେ ବାଲେଶ୍ୱର ସହର ଗୋପାଳଗାଁସ୍ଥିତ ତାଙ୍କ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ ହୃଦରୋଗ ପାଇଁ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ, ଦୁଇ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସେ ୧୯୩୬ ମସିହା ଫେବୃଆରୀ ୨୪ ତାରିଖରେ ସୋର ବ୍ଲକ ମଙ୍ଗଳପୁର ଗାଁରେ ଜନ୍ମ ଜନ୍ମଗ୍ରହଣ କରିଥିଲେ। ସେ ରେଭେନ୍ସା ମହାବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରୀ ଲାଭପରେ ଢେଙ୍କାନାଳ ମହାବିଦ୍ୟାଳୟରେ ଅଧ୍ୟାପନା ଜୀବନ ଆରମ୍ଭ କରିଥିଲେ। ପରେ ସେ ଭଦ୍ରକ ମହାବିଦ୍ୟାଳୟ ଓ ଫକୀରମୋହନ ମହାବିଦ୍ୟାଳୟରେ ଅଧ୍ୟାପନା କରି ଜଣେ ବିଦ୍ୱାନ ତଥା ଛାତ୍ର ବତ୍ସଳ ଅଧ୍ୟାପକ ଭାବେ ସୁନାମ ଅର୍ଜନ କରିଥିଲେ । ୧୯୯୪ ମସିହାରେ ଫକୀରମୋହନ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଥାଇ ଚାକିରିରୁ ଅବସର ଗ୍ରହଣ କରିଥିଲେ। ସେ ଅଧ୍ୟାପନା ସହିତ ସାଂଗଠନ କାର୍ଯ୍ୟ ଓ ସାହିତ୍ୟ ସାଧନାରେ ବ୍ରତୀ ଥିଲେ। ତାଙ୍କ ରଚିତ ଉପନ୍ୟାସ, ପ୍ରବନ୍ଧ ପୁସ୍ତକ, ଭ୍ରମଣ କାହାଣୀ ଓ ଆଲୋଚନା ପୁସ୍ତକଗୁଡ଼ିକ ମଧ୍ୟରେ 'ଆରେ ମିତ ଗାଇବା ଗୀତ, ଆମ ନାଟକ, ଚମ୍ପାର ଭାଗବତ ପାଠ, ଫକୀରମୋହନଙ୍କ ଡାକମୁନସୀ, ରେବତୀ ଓ ଅନ୍ୟଗଳ୍ପ, କୃଷ୍ଣକାନ୍ତ ପଦାବଳୀ, କୁବେର ଦେଶର ଭିକାରୀ, ଓଡ଼ିଆ ଯାତ୍ରା ଓ ଲୋକ ନାଟକ, ଶ୍ରୀଲଙ୍କା ଯାତ୍ରା, ଓଡ଼ିଶାର ସଂସ୍କୃତି, ସାହିତ୍ୟ ମନ୍ଥନ, ମୋଗଲ ତାମସା, ବର୍ଣ୍ଣବିଭା, ସାହିତ୍ୟାୟନ, ସେନାପତି ସାହିତ୍ୟାଲୋକ, ଉତ୍ତରାୟଣ ଓ ଦେବଗିରି ଆଦି ଅନ୍ୟତମ । ସେ ମଧ୍ୟ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ରହିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟ ତାଙ୍କର ଭୂମିକା ରହିଥିଲା । ବାଲେଶ୍ୱର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ତାଙ୍କ ବିୟୋଗ ବାଲେଶ୍ୱର ସାରସ୍ୱତ ଓ ବୌଦ୍ଧିକ ସ୍ଥାନ ସୃଷ୍ଟି ଜଗତରେ ବଡ଼ ଶୂନ୍ୟସ୍ଥା ହେଲା ବୋଲି ମତ ପ୍ରକାଶ ପାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପୁରୀ ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀ ବୋମା ବିସ୍ଫୋରଣକୁ ସି.ପି.ଆଇ.(ଏମ୍)ର ଦୃଢ଼ ନିନ୍ଦା

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ପଲିଟବ୍ୟୁରୋ ଦିଲ୍ଲୀର କେନ୍ଦ୍ରୀୟ ସ୍ଥଳରେ ହୋଇଥିବା ଏହି ନିର୍ଦ୍ଦୟ ବୋମା ଆକ୍ରମଣକୁ ଦୃଢ଼ ଭାବରେ ନିନ୍ଦା କରିଛି। ଏକ ବିବୃତିରେ ଦଳ ପକ୍ଷରୁ କୁହାଯାଇଛି ଯେ ଏହି ବିସ୍ଫୋରଣରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରଗୁଡ଼ିକର ଦୁଃଖକୁ ହୃଦୟଙ୍ଗମ କରି ଶୋକ ପ୍ରକାଶ କରୁଛୁ । ରିପୋର୍ଟରୁ ଜଣାପଡ଼ିଛି ଯେ ଦିଲ୍ଲୀ ଚାରିପାଖରେ ବହୁତ ପରିମାଣର ବିସ୍ଫୋରକ ଏବଂ ଅସ୍ତ୍ରଶସ୍ତ୍ର ମିଳିଛି, ଯାହାକୁ ଏବେ ଏହି ଆକ୍ରମଣ ସହ ଯୋଡ଼ାଯାଉଛି । ଏହା ଅତ୍ୟନ୍ତ ବିଚଳିତ କରୁଛି । ଏହା ଏକ ସଂଗଠିତ ନେଟୱର୍କର ସମ୍ପୃକ୍ତିକୁ ସୂଚିତ କରେ । ସରକାରର ଦାୟିତ୍ୱ ହେଉଛି ଏହାକୁ ଖୋଜି ବାହାର କରିବା ଏବଂ ସମସ୍ତ ଦୋଷୀଙ୍କୁ ନ୍ୟାୟର କାଠଗଡାକୁ ଆଣିବା । ସି.ପି.ଆଇ.(ଏମ୍) ବିଭିନ୍ନ ବର୍ଗର ଲୋକଙ୍କୁ ସତର୍କ ରହିବାକୁ, ଶାନ୍ତି ଏବଂ ସମନ୍ୱୟ ବଜାୟ ରଖିବାକୁ ଏବଂ କୌଣସି ଉତ୍ତେଜନାରେ ନ ପଡ଼ିବାକୁ ଆହ୍ୱାନ କରିଛି।

## ପାଚିଲା ଧାନରେ ଚକଡାପୋକ: ନିରାକରଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଚିତ୍ତ ଷଡ଼ଙ୍ଗୀ

ନୀଳଗିରି, ୧୧/୧୧ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ନୀଳଗିରି ଉପଖଣ୍ଡରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଧାନଅମଳ ସମୟରେ ଚକଡାପୋକଙ୍କର ପ୍ରାର୍ଦୁଭାବ ଦେଖିବାକୁ ମିଳିଛି। ଶହଶହ ହେକ୍ଟର ଜମିରେ ଏହିପୋକ ଲାଗିବାଫଳରେ ଧାନଗଛ ସମ୍ପୂର୍ଣ୍ଣ ନଡ଼ା ହେବାରେ ଲାଗିଛି। ଫଳରେ ଚାଷୀର ମେରୁଦଣ୍ଡ ଭାଙ୍ଗିବାସହିତ ଆତ୍ମହତ୍ୟା ଭଳି ପଦକ୍ଷେପ ନେବାକୁ ମନସ୍ଥ କଲେଣି। ଏହିଭୟାନକ ପୋକଦାଉରୁ ରକ୍ଷାପାଇବା ପାଇଁ ସରକାରୀସ୍ତରରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପଗ୍ରହଣ କରାଯାଇନାହିଁ। ତେଣୁ ତୁରନ୍ତ ସରକାରୀ ସ୍ତରରେ ଚାଷୀଙ୍କୁ ମାଗଣା କୀଟନାଶକ ଯୋଗାଇଦେବା ସହିତ ନୀଳଗିରିରେ ଦୀର୍ଘଦିନ ଧରି ଜିଲ୍ଲାକୃଷି ଅଧିକାରୀ ନଥିବାରୁ ଜଣେ ସ୍ଥାୟୀ ଜିଲ୍ଲାକୃଷି ଅଧିକାରୀ ନିଯୁକ୍ତି କରିବାକୁ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଚିଠିଲେଖି ଅବଗତ କରିଛନ୍ତି।

## ସୁରଭି କାର୍ଯ୍ୟକ୍ରମରେ ମୁନିଲାଲ ହାଇସ୍କୁଲ ଝିଅ ରାଜ୍ୟସ୍ତରକୁ ଉନ୍ନୀତ



ବୈଶିଙ୍ଗା, ୧୧/୧୧ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ସ୍ଥିତ ମୁନିଲାଲ ହାଇସ୍କୁଲ ଛାତ୍ରୀ ସୁରଭି କାର୍ଯ୍ୟକ୍ରମରେ ଜିଲ୍ଲା ଟପର୍ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ଏହି ବିଦ୍ୟାଳୟର ନବମ ଶ୍ରେଣୀରେ ପଢୁଥିବା ଲକ୍ଷ୍ମୀରେଖା ପରିଡ଼ା ରବିବାର ଅପରାହ୍ନରେ ଅନୁଷ୍ଠିତ ସୃଜନଶୀଳ ଲିଖନ ପ୍ରତିଯୋଗିତା ରେ ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ବ୍ଲକ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଜିଲ୍ଲାର ସମସ୍ତ ୨୬ ଟି ବ୍ଲକରେ ୩୧ ଟି ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି।

## ଦିଲ୍ଲୀ ବିସ୍ଫୋରଣର ପୀଡ଼ିତମାନଙ୍କୁ ଉପରାଜ୍ୟପାଳ କଲେ ସାକ୍ଷାତ

ନୂଆଦିଲ୍ଲୀ, ୧୧/୧୧ : ଦିଲ୍ଲୀର ଉପ ରାଜ୍ୟପାଳ ବିନୟ କୁମାର ସାକ୍ସେନା ଲୋକନାୟକ ହସ୍ପିଟାଲ ପହଂଚି ଦିଲ୍ଲୀ ବିସ୍ଫୋରଣର ପୀଡ଼ିତଙ୍କୁ ମଙ୍ଗଳବାର ଦିନ ସାକ୍ଷାତ କରିଛନ୍ତି। ସେ ସରକାରଙ୍କ ପକ୍ଷରୁ ପୀଡ଼ିତଙ୍କ ଯଥାସମ୍ଭବ ସାହାଯ୍ୟ କରିବାର ଆଶ୍ୱାସନା ଦେଇଥିଲେ। ଦିଲ୍ଲୀ ରାଜନୀବାସ ମୁତାବିକ ଉପରାଜ୍ୟପାଳ ସାକ୍ସେନା ଗୁଜରାଟର ବେଓ୍ୱାଡିୟାରେ ଦିଲ୍ଲୀ ଡେ ସମାରୋହ ସହିତ ଯୋଡ଼ିଥିବା ଆଧିକାରିକ ଯାତ୍ରାକୁ ସମାପ୍ତ କରିଦେଇଥିଲେ ଏବଂ ଅହମ୍ମଦାବାଦ ହୋଇ ଦିଲ୍ଲୀ ଫେରି ଆସିଥିଲେ। ସେ ଲୋକନାୟକ ହସ୍ପିଟାଲ ପହଂଚି ସେଠାର ସ୍ଥିତିର ଯାଂଚ କରିଥିଲେ ଏବଂ ହସ୍ପିଟାଲରେ ଭର୍ତି ପୀଡ଼ିତଙ୍କ ସହିତ ସାକ୍ଷାତ କରିଥିଲେ। ସେ ପୀଡ଼ିତଙ୍କ ଭଲ ସ୍ୱାସ୍ଥ୍ୟର କାମନା କରିଥିଲେ ଏବଂ ଦୁର୍ଘଟଣାରେ ଜୀବନ ହରାଇଥିବା ଲୋକଙ୍କ ପ୍ରତି ଗଭୀର ସମ୍ବେଦନା ବ୍ୟକ୍ତ କରିଥିଲେ। ଉପ ରାଜ୍ୟପାଳ ଲୋକମାନଙ୍କୁ ଶାନ୍ତି ରଖିବାର ଅପିଲ୍ କରିଥିଲେ। ସେ ଆଶ୍ୱାସନା ଦେଇଛନ୍ତି ଯେ ଯାଂଚ ଜଲ୍‌ଦି ପୁରା କରାଯିବ ଏବଂ ଦୋଷୀମାନଙ୍କୁ ସଜା ଦିଆଯିବ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ : ଗାଁରେ ଶୋକର ଛାୟା



ଲଙ୍ଗଳେଶ୍ୱର, ୧୧/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ଶ୍ରୀରାମପୁର ଗ୍ରାମର ନରହରି ଦେଙ୍କ ଶନିବାର ରାତ୍ରୀ ୮.୩୦ ମିନିଟ ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ହୃଦ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେଠାରୁ ବାଲେଶ୍ୱର ସଦର ହସ୍ପିଟାଲ ପରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ଭୁବନେଶ୍ୱର ହାଇଟେକ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ମୃତ୍ୟୁ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ମରଶରୀରକୁ ଶେଷ ଦର୍ଶନ କରି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ମଝିଆ ପୁଅ ଚିନ୍ମୟ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶର୍ଯ୍ୟା ନିକଟରେ ସାନ ପୁଅ ସୁଶାନ୍ତ, ବୋହୂ, ନାତି, ନାତୁଣୀ, ବନ୍ଧୁ ବାନ୍ଧବ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ସ୍ୱର୍ଗତ ଦେଙ୍କ ମୃତ୍ୟୁରେ ଶ୍ରୀରାମପୁର ଗ୍ରାମ ସମେତ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଡ. ସୌମ୍ୟା ସ୍ୱାମୀନାଥନ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ପ୍ରଖ୍ୟାତ ବୈଜ୍ଞାନିକ ତଥା ଏମ.ଏସ. ସ୍ୱାମୀନାଥନ ଫାଉଣ୍ଡସନର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଡ. ସ୍ୱାମୀନାଥନ ଓଡିଶାରେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଶେଷ କରି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ସଫଳ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ ।

## ଚାଷୀଙ୍କଠୁ ସାଇବର ଠକେଇ



ବାଲିଆପାଳ, ୧୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଅଞ୍ଚଳରେ ସାଇବର ଠକିବା ଘଟଣା ଆଉଥରେ ଚର୍ଚ୍ଚାରେ ଆସିଛି। ୟୁକୋ ବ୍ୟାଙ୍କର ଗ୍ରାହକ ତଥା ସାଉଡି ଗ୍ରାମର ମାଛ ଚାଷୀ ରାଜେନ୍ଦ୍ର କୁମାର ଜେନାଙ୍କ ଏକାଉଣ୍ଟରୁ ସାଇବର ଠକମାନେ ୯୯ ହଜାର ଟଙ୍କା ଠକି ନେଇଛନ୍ତି। ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୧୧ଟା ସମୟରେ ରାଜେନ୍ଦ୍ରଙ୍କ ମୋବାଇଲରେ ଏକାଉଣ୍ଟରୁ ଟଙ୍କା କଟିଯିବା ସନ୍ଦେଶ ଆସିଥିଲା । ଏହି ସନ୍ଦେଶ ଦେଖି ସେ ସଙ୍ଗେ ସଙ୍ଗେ ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ଶାଖାକୁ ଯାଇ ଶାଖା ପରିଚାଳକଙ୍କୁ ସୂଚନା ଦେଇଥିଲେ। ବ୍ୟାଙ୍କ ଯାଞ୍ଚ କଲାପରେ ଜଣାପଡ଼ିଲା ଯେ ସାଇବର ଠକମାନେ ୟୁପିଆଇ ମାଧ୍ୟମରେ ପ୍ରଥମେ ୫୦,୦୦୦/-, ପୁଣି ୪୦,୦୦୦/-, ପରେ ୮୦୦୦/- ଓ ୧୦୦୦/- ଟଙ୍କା ହିସାବରେ ଉଠାଇନେଇଛନ୍ତି। ଏହି ଘଟଣା ସମ୍ପର୍କରେ ରାଜେନ୍ଦ୍ର ବାଲେଶ୍ୱର ସାଇବର ଥାନାରେ ଅଭିଯୋଗ ନମ୍ବର ୩୨୪୧୧୨୫୦୦୩୭୮୬୫ ମୂଳେ ଅଭିଯୋଗ ଦାଖଲ କରିଛନ୍ତି। ଘଟଣାକୁ ନେଇ ସାଇବର ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି ଏବଂ ଟଙ୍କା ଟ୍ରାକ୍ କରିବା ପାଇଁ ଚେଷ୍ଟା ଚାଲିଛି। ସାଇବର ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଠକମାନେ ଅଧିକାଂଶ ସମୟରେ ଭୁଲ ଲିଙ୍କ, ଫେକ୍ କଲ୍ କିମ୍ବା ଆପ୍ ଡାଉନଲୋଡ୍ ମାଧ୍ୟମରେ ଲୋକଙ୍କ ଏକାଉଣ୍ଟ ହ୍ୟାକ କରି ଟଙ୍କା ଉଠାନ୍ତି। ସାଇବର ଠକିବା ଘଟଣା ହେଲେ ସଙ୍ଗେ ସଙ୍ଗେ ୧୯୩୦ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି ।

## ଏବିଭିପିର ୫୦ତମ ରାଜ୍ୟ ଅଧିବେଶନ ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ




ଭଦ୍ରକ, ୧୧/୧୧ (ନି.ପ୍ର): କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ମାଟି ଭଦ୍ରକରେ ଅନୁଷ୍ଠିତ ହେବ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା (ପୂର୍ବ) ପ୍ରାନ୍ତର ୫୦ତମ ରାଜ୍ୟ ଅଧିବେଶନ। ଏହାର ସୁବ୍ୟବସ୍ଥିତ ଓ ସୁପରିଚାଳନା ପାଇଁ ଜିଲ୍ଲାର ପ୍ରମୁଖ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଥମ ବ୍ୟବସ୍ଥା ଓ ପ୍ରସ୍ତୁତି ବୈଠକ ସହରର ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରସ୍ତୁତି ବୈଠକରେ ଏବିଭିପିର ପୂର୍ବ କ୍ଷେତ୍ର ସହ ସଙ୍ଗଠନ ସମ୍ପାଦକ ତ୍ରୈଲୋଚନ ସାହୁ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଏବଂ ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଅଧିବେଶନ ସ୍ଥଳିର ସ୍ଥାନ ନିରୂପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଜିଲ୍ଲା ସହ ପ୍ରମୁଖ ଡକ୍ଟର ବସନ୍ତ କୁମାର ଦୀକ୍ଷିତ, ଜ୍ୟୋତି ପ୍ରକାଶ ସାହୁ, ପ୍ରାନ୍ତ ସବିସ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାସ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ଅଭିଳାଷ ତ୍ରିପାଠୀଙ୍କ ସମେତ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସମାଜସେବୀ ସୁମନ୍ତ କୁମାର ଜେନା ସମ୍ବର୍ଦ୍ଧିତ



ବାରିପଦା, ୧୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ସମାଜସେବୀ ତଥା ପ୍ରକୃତି ବନ୍ଧୁ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନାଙ୍କୁ ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସଂଗଠନ ବେତନଟୀ ପ୍ରତିଭା ପୂଜନ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ଶ୍ରେଷ୍ଠ ସଂଗଠକ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ଥାନୀୟ ଏମ୍ ପି ସି ସରକାରୀ ଉଚ୍ଚବିଦ୍ୟାଳୟର ଉତ୍କଳ ଭବନ ପରିସରରେ ପ୍ରତିଭା ପୂଜନ ଅନୁଷ୍ଠାନର ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ହରିଶ୍ ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାରିପଦା ଉପ ଜିଲ୍ଲାପାଳ ଡ ଦୟା ସିନ୍ଧୁ ପରିଡା, ମୁଖ୍ୟବକ୍ତା ଉଦଳା ଏନ୍ ଏସ୍ ସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥିଭାବେ ସଦ୍ ଭାବନା ପ୍ରତିଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ବୁଗୁଡ଼େଇ, ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଜିଲ୍ଲା ସୂଚନା ଅଧିକାର ଫୋରମର ମୁଖ୍ୟ ସନ୍ତୋଷ କୁମାର ମହାନ୍ତି, ବଡ଼ସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ମୁଖ୍ୟ ଡ କୁମାର ବାବୁଲି, ପ୍ରତିଭା ପୂଜନ ଅନୁଷ୍ଠାନର ମୁଖ୍ୟ ଆଡଭୋକେଟ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପଦକ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କୁଡିଆ ପଞ୍ଚାୟତ ପେଗରପଡା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ରନାଥ ଜେନା ଓ ବାସନ୍ତୀ ଦେବୀଙ୍କ ସୁପୁତ୍ର ଶ୍ରୀ ଜେନା ଜିଲ୍ଲାରେ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ତଥା ଉତ୍ସାହୀ ଯୁବକ ମାନଙ୍କୁ ନେଇ ଅନେକ ସମାଜିକ ସଂଗଠନ ଜରିଆରେ ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ନିଜର ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି । ସାମ୍ପ୍ରତିକ ସ୍ଥିତିରେ ସେ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ ,ପ୍ରକୃତି ସଂରକ୍ଷଣ , ପରିବେଶ ସଚେତନତା କାର୍ଯ୍ୟକ୍ରମ ଭଳି ମହତ୍ କାର୍ଯ୍ୟରେ ସବୁ ବେଳେ ସକ୍ରିୟ ରହିବା ସହିତ ସମାଜର ଅବହେଳିତ, ଦୁସ୍ଥ ନିରାଶ୍ରୟ, ଅଭାବୀ ମଣିଷ ମାନଙ୍କୁ ଯଥା ସାଧ୍ୟ ସାହାଯ୍ୟ ସହଯୋଗରେ ହାତ ବଢ଼ାଇବା ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମ ,ଜଳ ଛତ୍ର ସେବା, ଅଭାବୀ ଛାତ୍ର ଛାତ୍ରୀଙ୍କୁ ପାଠ ପଢେଇବା, ମାଗଣା ସ୍ୱାସ୍ଥ୍ୟ ଶିବିର ଆଦି କରି ମାନବ ସେବା ମାଧବାସେବା ଆହ୍ୱାନରେ ବ୍ରତୀ ହୋଇଛନ୍ତି । ପୁଣି ରକ୍ତଦାନ ମହାପୁଣ୍ୟ ଆହ୍ୱାନରେ ଯୋଡି ହୋଇ ରକ୍ତ ସଂଗ୍ରହ ଅଭିଯାନରେ ଜଣେ ଅଗ୍ରଣୀ ସେନାନୀ ହୋଇ ସାରା ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି । ଶ୍ରୀ ଜେନାଙ୍କର ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ସେ ପୂର୍ବରୁ ରାଜ୍ୟ ସରକାର , ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ଜିଲ୍ଲା ବାହାରୁ ଏଭଳି ସମ୍ମାନନୀୟ ପୁରସ୍କାର ପାଇବା ପରେ ଶ୍ରୀ ଜେନାଙ୍କୁ ସବୁ ମହଲରୁ ଶୁଭେଚ୍ଛା ଓ ପ୍ରଶଂସା କରାଯାଇଛି ।

## ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଏଥେଲେଟିକ୍ସ, ସଫ୍ଟବଲ ଓ ବେସବଲ ପ୍ରତିଯୋଗିତା - ୨୦୨୫- ୨୬ ଉଦ୍ଘାଟିତ

ବାଲେଶ୍ୱର, ୧୧/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ହେଉଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଏଥେଲେଟିକ୍ସ, ସଫ୍ଟବଲ ଓ ବେସବଲ ପ୍ରତିଯୋଗିତାର ଉଦ୍ଘାଟନ ଉତ୍ସବ ଆଜି ସ୍ଥାନୀୟ ପରମିଟ୍ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୧୨୯ ଜଣ ପ୍ରତିଯୋଗୀ, ୧୪୦ ଜଣ ମେନେଜର, ୨୮୩ ଜଣ ଅଫିସିଆଲ୍ ଓ ୬୦ ଜଣ ପରିଚାଳନା ସହଯୋଗୀ, ସମୁଦାୟ ୧୬୧୨ ଜଣ ସଦସ୍ୟ ଏହି ପ୍ରତିଯୋଗିତାରେ ଯୋଗ ଦେଉଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରାଜ୍ୟ କ୍ରୀଡ଼ା ପତାକାକୁ ଉତ୍ତୋଳନ କରିବା ସହିତ ପ୍ରତିଯୋଗିତା ଆରମ୍ଭ ହେବାର ଉଦ୍ଘୋଷଣା କରିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜିଲ୍ଲା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ବସନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ସୁଜାତା ନାୟକ ଓ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ଯୋଗ ଦେଇ ଖେଳାଳୀ ମାନଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କର ସଫଳତା କାମନା କରିଥିଲେ।' କ୍ରୀଡ଼ାରେ ବୀରତ୍ୱର ଅଭ୍ୟାସ ହୁଏ। ଖେଳାଳୀ ମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ ହେବା ଆବଶ୍ୟକ। ନିଜ ପାଇଁ ନଖେଳି ଦେଶ ପାଇଁ ଖେଳିଲେ ପ୍ରତିଭା ଉଜ୍ଜ୍ୱଳ ହୁଏ। ଦୃଢ଼ ଆତ୍ମବିଶ୍ୱାସରେ ନିଜକୁ ବିକଶିତ କଲେ ସମଗ୍ର ଦେଶରେ ବିକାଶ ଧାରା ସୃଷ୍ଟି ହେବ।' ବୋଲି ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ କହିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ ଧନ୍ୟବାଦ ଦେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida